


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ପୃଷ୍ଠା ମୂଲ୍ୟ : ୨.୦୦

8 Pages,₹ 2.00

● ବର୍ଷ-୩୧ ● ସଂଖ୍ୟା-୧୩୬ ● ୧୩ ଜୁନ୍ ୨୦୨୪, ଗୁରୁବାର ● ଭୁବନେଶ୍ୱର ● Vol -31 ● Issue-136 ● 13rd June 2024, Thursday ● Bhubaneswar

Licensed to post without pre-payment of postage No- BN-60/22-24


# ଶପଥ ଗ୍ରହଣ କଲେ ନୂଆ ମୁଖ୍ୟମନ୍ତ୍ରୀ





**ଭୁବନେଶ୍ୱର, ୧୨/୦୬**
**ନ୍ୟୁଜ ବ୍ୟୁରୋ**

ବୁଧବାର ଅପରାହ୍ନରେ ଜନତା ମଇଦାନଠାରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଓଡ଼ିଶାର ନୂତନ ମୁଖ୍ୟମନ୍ତ୍ରୀ ଭାବେ ମୋହନ ଚରଣ ମାଝୀ ଶପଥ ଗ୍ରହଣ କରିଛନ୍ତି। ତାଙ୍କ ସହ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ରାଜ୍ୟପାଳ ରଘୁବର ଦାସ ନୂତନ ମୁଖ୍ୟମନ୍ତ୍ରୀ ଓ ୨ ଉପମୁଖ୍ୟମନ୍ତ୍ରୀଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଏଥିସହ ୮ ଜଣ କ୍ୟାବିନେଟ୍ ମନ୍ତ୍ରୀ ଓ ୫ ଜଣ ରାଷ୍ଟ୍ରମନ୍ତ୍ରୀ ମଧ୍ୟ ଶପଥ ଗ୍ରହଣ କରିଛନ୍ତି। କ୍ୟାବିନେଟ୍ ମନ୍ତ୍ରୀ ଭାବେ ସୁରେଶ ପୂଜାରୀ, ରବି ନାରାୟଣ ନାଏକ, ନିତ୍ୟାନନ୍ଦ ଗଣ୍ଡ, କୃଷ୍ଣଚନ୍ଦ୍ର ପାତ୍ର, ପୃଥ୍ୱୀରାଜ ହରିଚନ୍ଦନ, ଡ. ମୁକେଶ ମହାଲିଙ୍ଗ, ବିଭୂତି ଭୂଷଣ ଜେନା, ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ରାଷ୍ଟ୍ରମନ୍ତ୍ରୀ ଭାବେ ଗଣେଶ ରାମସିଂ ଖୁଣ୍ଟିଆ, ସୂର୍ଯ୍ୟବଂଶୀ ସୂରଜ, ପ୍ରଦୀପ ବଳସାମନ୍ତ, ଗୋକୁଳାନନ୍ଦ ମଲ୍ଲିକ ଓ ସଂପଦ ଚନ୍ଦ୍ର ସ୍ୱାଇଁ। ମୁଖ୍ୟମନ୍ତ୍ରୀଙ୍କ ସମେତ ସମସ୍ତ ମନ୍ତ୍ରୀ ଓଡ଼ିଆରେ ଶପଥ ନେଇଥିଲେ।

ଶପଥ ଗ୍ରହଣ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରମନ୍ତ୍ରୀ ଅମିତ ଶାହ, ରାଜନାଥ ସିଂହ, ଜଗତ ପ୍ରକାଶ ନଡ୍ଡା, ନିତିନ ଗଡ଼କରୀ, ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ, ଅଶ୍ୱିନୀ ବୈଷ୍ଣବ, ଓଡ଼ିଶାରୁ ନବନିର୍ବାଚିତ ସାଂସଦ ଏବଂ ବିଧାୟକ, ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, ରାଜସ୍ଥାନ *(ପୃଷ୍ଠା ୭ରେ)*

## ମୋହନଙ୍କ ସଂଘର୍ଷମୟ ଜୀବନ...



**ଭୁବନେଶ୍ୱର, ୧୨/୦୬**
**ନ୍ୟୁଜ ବ୍ୟୁରୋ**

୧୯୭୨ ମସିହା ଜାନୁୟାରୀ ମାସ ୬ ତାରିଖରେ କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ରାଇକଳା ଗାଁରେ ଏକ ଗରିବ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ମୋହନ ଚରଣ ମାଝୀ।

ତାଙ୍କ ପିତା ଗୁନାରାମ ମାଝୀ ନିଜ ଗାଁ ରାଇକଳା ବିଦ୍ୟାଳୟରେ ପିଅନ ରୂପେ କାର୍ଯ୍ୟରତ ଥିଲେ ।

ପିଲାଟି ବେଳୁ ସେ ତାଙ୍କ ମା' ବାଲେଶ୍ୱରୀ ମାଝୀଙ୍କୁ ହରାଇଥିଲେ । ଘରର ବଡପୁଅ ଭାବେ ତାଙ୍କ ଉପରେ ପଡିଥିଲା ସମ୍ପୂର୍ଣ୍ଣ ପରିବାରର ଦାୟିତ୍ୱ । ତାଙ୍କ ତଳେ ତାଙ୍କର ଜଣେ ଭାଇ ପୂର୍ଣ୍ଣ ଚନ୍ଦ୍ର ମାଝୀ ଓ ଭଉଣୀ ରାସମଣୀ ମାଝୀ ଥିଲେ । କିଛି ବର୍ଷ ପୂର୍ବେ ଭାଇ ଓ ପିତା ମଧ୍ୟ ଇହଲୀଳା ତ୍ୟାଗକରିଛନ୍ତି ।

ନିଜ ଗାଁଠୁ ୫କିଲୋମିଟର ଦୂର ଝୁମ୍ପୁରାକୁ ସେ ଚାଲିଚାଲି ଯାଇ ଟିଉସନ୍ କରି ଘରର ଗୁଜୁରାଣ ମେଣ୍ଟାଉଥିଲେ ।

ଗାଁ ବିଦ୍ୟାଳୟରେ ୭ମ ପର୍ଯ୍ୟନ୍ତ ପଢ଼ିବା ପରେ ସିଏ ଝୁମ୍ପୁରା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପାଠ ପଢିଥିଲେ। ୧୯୮୭ ମସିହାରେ ମାଟ୍ରିକ ପାସ୍ କରିଥିଲେ ।

ଏହାପରେ ଆନନ୍ଦପୁର ସରକାରୀ ମହାବିଦ୍ୟାଳୟରେ ୧୯୯୦ ମସିହାରେ +୨ କଳା ରେ ପାସ୍ *(ପୃଷ୍ଠା ୭ରେ)*

## ସରକାରୀ ଅଧିକାରୀଙ୍କ ଛୁଟି ବାତିଲ ନିଷ୍ପତ୍ତି ବଦଳିଲା

**ଭୁବନେଶ୍ୱର, ୧୨/୦୬**
**ନ୍ୟୁଜ ବ୍ୟୁରୋ**

ସରକାରୀ ଅଧିକାରୀଙ୍କ ଛୁଟି ବାତିଲ୍ ନିଷ୍ପତ୍ତିରେ ପରିବର୍ତ୍ତନ କରାଯାଇଛି । ସାଧାରଣ ପ୍ରଶାସନ *(ପୃଷ୍ଠା ୭ରେ)*


TATA MOTORS

Light Commercial Vehicles Dealers

24 hours help line :

Sales : 7873770000


### ନୂଆ ମୁଖ୍ୟମନ୍ତ୍ରୀଙ୍କ ପ୍ରଥମ କ୍ୟାବିନେଟରେ ଐତିହାସିକ ନିଷ୍ପତ୍ତି

## ଆଜି ମଙ୍ଗଳଆଳତିରୁ ଖୋଲିବ ଶ୍ରୀମନ୍ଦିର ଚାରିଦ୍ୱାର



**ଭୁବନେଶ୍ୱର, ୧୨।୬**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ନୂତନ ମୁଖ୍ୟମନ୍ତ୍ରୀ ଭାବେ ମୋହନ ଚରଣ ମାଝୀ ଶପଥ ଗ୍ରହଣ କରିବା ପରେ ବୁଧବାର ସନ୍ଧ୍ୟାରେ ପ୍ରଥମ କ୍ୟାବିନେଟ ବୈଠକ ଆହୁତ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶ୍ରୀମନ୍ଦିର ଚାରି ଦ୍ୱାର ଖୋଲାଯିବା ସହିତ ୪ଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଲୋକସେବା ଭବନରେ ଅନୁଷ୍ଠିତ ବୈଠକ ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ବିଶଦ ସୂଚନା ଦେଇଥିଲେ। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଦଳ ପକ୍ଷରୁ ଦିଆଯାଇଥିବା ନିର୍ବାଚନ ପ୍ରତିଶ୍ରୁତି ଅନୁସାରେ ପ୍ରଥମ କ୍ୟାବିନେଟ୍‌ରେ ଶ୍ରୀମନ୍ଦିର ଚାରି ଦ୍ୱାର ଖୋଲାଯିବା ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇଛି। ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଦୂରତାକୁ ହଟାଇବା ଏବଂ ମହାପ୍ରଭୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଶ୍ରଦ୍ଧାଳୁ ମାନଙ୍କ ସାକାସେ ସବୁ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯିବ। ଗୁରୁବାର ପ୍ରାତଃ *(ପୃଷ୍ଠା ୭ରେ)*

## ଶପଥ ଗ୍ରହଣ ଉତ୍ସବରେ ନବୀନଙ୍କ ସହ ପ୍ରଧାନମନ୍ତ୍ରୀ ମୋଦି କଲେ ଭାବ ବିନିମୟ



**ଭୁବନେଶ୍ୱର, ୧୨/୦୬**
**ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କଥା ରଖିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମିଳିଥିବା ନିମନ୍ତ୍ରଣ ଅନୁସାରେ ଶ୍ରୀ ପଟ୍ଟନାୟକ ବୁଧବାର ସନ୍ଧ୍ୟାରେ ଆୟୋଜିତ ନୂଆ ସରକାରଙ୍କ ଶପଥ ଗ୍ରହଣ ସମାରୋହରେ ଯୋଗ ଦେଇଛନ୍ତି। ଜନତା ମଇଦାନରେ ହଜାର ହଜାର ଲୋକଙ୍କ ଭିଡ଼ ଭିତରେ ଶ୍ରୀ ପଟ୍ଟନାୟକଙ୍କୁ ଦେଖି ମଞ୍ଚାସୀନ ଅତିଥି କେନ୍ଦ୍ରମନ୍ତ୍ରୀ ଓ ନେତାଗଣ, ମଞ୍ଚ ତଳେ ବସିଥିବା ସାଂସଦ, ବିଧାୟକ, *(ପୃଷ୍ଠା ୭ରେ)*

### ଏକାଳ ପଖାଳ



ପଦ୍ମ ସର୍କାର ଷ୍ଟାର୍ଟ ହେଲା
ଡବଲ ଇଞ୍ଜିନ ଗଡେ
ଶପଥ ଉତ୍ସବ ସରିଲା ବଢିଆ
ଆଗକୁ ଆଗକୁ ବଢେ
ଜନତା ସପନ ଗଢେ
ପାଞ୍ଚ ବରଷରେ ପୂରଣ ହେବ
ଭାବି ଭାବି ନିଦ ମାଡେ

### କୁଏତ ଅଗ୍ନିକାଣ୍ଡ ମୃତ୍ୟୁ ସଂଖ୍ୟା ବଢ଼ିଲା

## ୪୦ ଭାରତୀୟଙ୍କ ସମେତ ୫୩ ଜୀବନ୍ତ ଦଗ୍ଧ



**କୁଏତ ସିଟି, ୧୨/୦୬**

ଦକ୍ଷିଣ କୁଏତର ଏକ କୋଠାରେ ଅଗ୍ନିକାଣ୍ଡ ଘଟି ୪୦ ଜଣ ଭାରତୀୟଙ୍କ ସମେତ ୫୩ ଜଣଙ୍କର ମୃତ୍ୟୁ ଘଟିଛି। ଏହି ଭୟଙ୍କର ଅଗ୍ନିକାଣ୍ଡରେ କୋଠାଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। କୁହାଯାଉଛି ଯେ ଅଗ୍ନିକାଣ୍ଡ ଘଟିଥିବା ବିଲ୍‌ଡିଂରେ ଶ୍ରମିକମାନେ ରହୁଥିଲେ। ବୁଧବାର ସକାଳ ୬ଟା ସମୟରେ ଏହି ଅଗ୍ନିକାଣ୍ଡ ଘଟିଛି। ଏହି ଭୟଙ୍କର ଅଗ୍ନିକାଣ୍ଡ ପାଇଁ କୁଏତ ସରକାର ରିଅଲ ଇଷ୍ଟେଟ ମାଲିକଙ୍କୁ *(ପୃଷ୍ଠା ୭ରେ)*

## ସୁରମା ପାଢ଼ୀ ହେବେ ଓଡ଼ିଶା ବିଧାନସଭାର ବାଚସ୍ପତି

**ଭୁବନେଶ୍ୱର, ୧୨/୦୬**
**ନ୍ୟୁଜ ବ୍ୟୁରୋ**

ବିଜେପି ବିଧାୟିକା ସୁରମା ପାଢ଼ୀ ହେବେ ଓଡ଼ିଶା ବିଧାନସଭାର ନୂତନ ବାଚସ୍ପତି। ନୂଆ ମନ୍ତ୍ରିମଣ୍ଡଳ ଗଠନ ପରେ ତାଙ୍କ ନାଁକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ସୁରମା ହେଉଛନ୍ତି ନୟାଗଡ଼ ଜିଲ୍ଲା ରଣପୁର ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ବିଧାୟିକା। ଦ୍ୱିତୀୟ ଥର ପାଇଁ ସେ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ସୁରମା ପାଢ଼ୀ ୧୯୬୦ ମସିହା ଡିସେମ୍ବର ୨୯ ତାରିଖରେ ଜନ୍ମଗ୍ରହଣ କରିଥିଲେ। ସେ ଗୃହ ବିଜ୍ଞାନରେ ସ୍ନାତକୋତ୍ତର ଓ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଓକିଲାତି ପଢ଼ିଥିଲେ।



୧୯୮୮ ମସିହାରେ ଭାରତୀୟ ଜନତା ପାର୍ଟିରେ ଯୋଗଦେଇଥିଲେ। ୧୯୯୮ ମସିହାରେ ସେ ବିଜେପି ରାଜ୍ୟ ମହିଳା ମୋର୍ଚ୍ଚାର ସଭାପତି ହୋଇଥିଲେ। ୨୦୦୦ ମସିହା ପର୍ଯ୍ୟନ୍ତ ସେ ସେହି ପଦବୀରେ ରହିଥିଲେ। ୨୦୦୦ ମସିହାରେ ସେ ଭାରତୀୟ ଜନତା ପାର୍ଟି ମହିଳା ମୋର୍ଚ୍ଚାର ସଭାପତି ହୋଇଥିଲେ। ୨୦୦୪ ମସିହାରେ ରଣପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ସୁରମା ବିଜେପିରୁ ଲଢ଼ି ବିଜୟୀ ହୋଇଥିଲେ। ନବୀନ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ସେ ସମବାୟ ବିଭାଗର ମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ୨୦୦୯, ୨୦୧୪ ଓ ୨୦୧୯ ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିଲେ। ଚଳିତ ୨୦୨୪ ନିର୍ବାଚନରେ ଲଢ଼ି ସେ ବିଜୟୀ ହୋଇଛନ୍ତି।

# ୪ ବର୍ଷର ଝିଅ ବାର୍ଡ-ଫ୍ଲୁ ରେ ଆକ୍ରାନ୍ତ, ଚେତାଇଲା 'ହୁ'




**ନୂଆଦିଲ୍ଲୀ, ୧୨/୦୬**

ଭାରତ ସମେତ ବିଶ୍ୱର ଅନେକ ଦେଶରେ ଏବେ ବାର୍ଡ-ଫ୍ଲୁ ଆତଙ୍କ ଖେଳାଇଛି। ପୂର୍ବରୁ ଆମେରିକାରେ ମଣିଷ ଦେହରେ ବାର୍ଡ-ଫ୍ଲୁର ଦ୍ୱିତୀୟ ମାମଲା ଚିହ୍ନଟ ହୋଇଥିବା ବେଳେ ଏବେ ଭାରତରେ ଚିହ୍ନଟ ହୋଇଛି ପ୍ରଥମ ମାମଲା। ପଶ୍ଚିମବଙ୍ଗର ଏକ ୪ ବର୍ଷର ଝିଅ ବାର୍ଡ-ଫ୍ଲୁ ଭାଇରସରେ ଆକ୍ରାନ୍ତ ହୋଇଛି। ଏନେଇ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ହୁ) ସୂଚନା ଦେଇଛି।

'ହୁ' କହିଛି ଯେ ଲଗାତର ଭାବରେ ଶ୍ୱାସକ୍ରିୟା ସମସ୍ୟା, ପ୍ରବଳ ଜ୍ୱର ଏବଂ ପେଟ ଯନ୍ତ୍ରଣା ହେତୁ କୁନି ଝିଅଟିକୁ ସ୍ଥାନୀୟ ଡାକ୍ତରଖାନାରେ ଏନ୍‌ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାର ତିନି ମାସ ପରେ ତାକୁ ଡିସଚାର୍ଜ କରାଯାଇଛି। ତା' ସ୍ୱାସ୍ଥ୍ୟାବସ୍ଥା ବର୍ତ୍ତମାନ ଭଲ ଅଛି। କୁନି ଝିଅଟିର ଘରେ ଓ ଆଖପାଖରେ କୁକୁଡ଼ା ରଖାଯାଇଥିଲା। କୁକୁଡ଼ାଙ୍କ ଠାରୁ ହିଁ ସେ ବାର୍ଡ-ଫ୍ଲୁରେ ସଂକ୍ରମିତ ହୋଇଛି। ତେବେ ତାଙ୍କ ପରିବାରରେ କିମ୍ବା ଅନ୍ୟମାନଙ୍କ ଠାରେ କୌଣସି ଶ୍ୱାସ ରୋଗର ଲକ୍ଷଣ ଦେଖାଯାଇ ନାହିଁ। ରିପୋଟିଂ ସମୟରେ ଟିକାକରଣ ସ୍ଥିତି କିମ୍ବା ଆଣ୍ଟିଭାଇରାଲ ଉପଚାରର ବିବରଣୀଉପଲବ୍ଧ ନଥିଲା ବୋଲି ଡବ୍ଲୁଏଚ୍‌ଓ କହିଛି। ଏହା ହେଉଛି ଭାରତରେ ଏଚ୍୯ଏନ୍-୨ ବାର୍ଡ-ଫ୍ଲୁର ଦ୍ୱିତୀୟ ମାନବ ସଂକ୍ରମଣ। ପ୍ରଥମ ମାମଲା ୨୦୧୯ରେ ଚିହ୍ନଟ ହୋଇଥିଲା। ତେଣୁ ଏଥିପ୍ରତି ଆଗକୁ ସତର୍କ ରହିବା ପାଇଁ ହୁ ଚେତାଇଛି।

ଏଚ୍୯ଏନ୍-୨ ଜୀବାଣୁ ସାଧାରଣତଃ ସାମାନ୍ୟ ରୋଗର କାରଣ ହୋଇଥାଏ। ଆଗକୁ ଅନେକ ମଣିଷ ବାର୍ଡ-ଫ୍ଲୁରେ ଆକ୍ରାନ୍ତ ହୋଇଥିବା *(ପୃଷ୍ଠା ୭ରେ)*

ସୌଜନ୍ୟ : ସୋସିଆଲ ମିଡିଆ



30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୩ ଜୁନ୍ ୨୦୨୪ ଗୁରୁବାର





# ରଜ ପାଇଁ ବଜାର ସରଗରମ: ମେହେନ୍ଦି ପାଇଁ ଅଗ୍ରିମ ବୁକିଂ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆସୁଛି ରଜ। ଏଥିପାଇଁ ରାଜଧାନୀର ରଜ ବଜାର ସରଗରମ। ପ୍ରବଳ ଖରା ଗୁଲୁଗୁଳି ଦିନବେଳା ବେପାରକୁ କିଛି ମାତ୍ରାରେ ପ୍ରଭାବିତ କରିଥିବା ବେଳେ ରାତିରେ ବେପାର ଜମୁଛି। ସଂଧ୍ୟା ହେଲେ ମାର୍କେଟ୍ ବିଲ୍ଡିଂ ଠାରୁ ଜନପଥ ଯାଏ, ସବୁଠି ଅସମ୍ଭାଳ ଭିଡ଼ ଦେଖାଯାଉଛି। କିଏ ନିଜ ମନ ପସନ୍ଦର ପୋଷାକ କିଣୁଛି ତ' କିଏ ପୋଷାକ ସହ ମ୍ୟାଚ୍ କରୁଥିବା କାନ ଫୁଲ, ଚୁଡ଼ି, ଅଳଙ୍କାର ଓ ଜୋତା, ବ୍ୟାଗ୍ ବାଛି ନେଉଛି। ବେପାରୀ ବି ଅଫର ଦେଇ ଗ୍ରାହକଙ୍କୁ ଟାଣି ଆଣୁଛନ୍ତି। ତେବେ କେବଳ ଅଫ୍‌ଲାଇନ୍ ନୁହେଁ, ବରଂ ଅନ୍‌ଲାଇନ୍‌ରେ ମଧ୍ୟ ବେପାର ଜମିଛି। ବିଭିନ୍ନ ଅନ୍‌ଲାଇନ୍ ସପିଂ ସାଇଟ୍‌ରେ ଅଫର ଘରେ ବସି ଅର୍ଡର କରିବାକୁ ଅନେକ ଗ୍ରାହକଙ୍କୁ ଉତ୍ସାହିତ କରୁଛି। ବିଶେଷକରି ରଜ ସମୟରେ ମାଟିରେ ପାଦ ନ ଦେବା ପରମ୍ପରା ଥିବାରୁ ପୋଷାକ ସହ ଚପଲରେ ଅନେକଙ୍କର ଆଗ୍ରହ ରହିଥିବା ଦେଖାଯାଇଛି। ରଜରେ ସଜବାଜ ହେବା ପାଇଁ ଯୁବତୀମାନେ ଅପେକ୍ଷା କରି ରହିଥାନ୍ତି। ଏହି ସଜବାଜ ଆଗ୍ରହକୁ ଲକ୍ଷ୍ୟ କରି ବ୍ୟବସାୟୀ ବି ମାତି ଯାଇଛନ୍ତି। ବିଭିନ୍ନ ମଲ୍, ମାର୍କେଟ୍ ବିଲ୍ଡିଂ, ବିଉଟି ପାର୍ଲରରେ ମେହେନ୍ଦି ପାଇଁ ଅଗ୍ରୀମ ବୁକିଂ ଆରମ୍ଭ ହୋଇଯାଇଛି। ଆର୍ଟିଷ୍ଟ ଘରକୁ ଯାଇ ମେହେନ୍ଦି କଲେ ହାତ ପିଛା ୫ଶହ ଟଙ୍କା ରହିଥିବା ବେଳେ ପାର୍ଲରକୁ ଆସି ମେହେନ୍ଦି କଲେ ଦର ହାତ ପିଛା ଶହେ ଟଙ୍କା ରହିଛି। ବିଏମସି କେଶରୀ ମଲ୍‌ରେ ଥିବା ବ୍ୟବସାୟୀଙ୍କ ପକ୍ଷରୁ ଗତ ଦୁଇ ଦିନ ଧରି ଗ୍ରାହକଙ୍କୁ ଆକର୍ଷିତ କରିବା ପାଇଁ ରାମ୍ପ ସୋ ଆୟୋଜିତ ହୋଇଥିଲା। ସେହିପରି ରଜକୁ ଆଉ ମାତ୍ର ୫ ଦିନ ରହିଥିବାରୁ ପ୍ରତ୍ୟେକ ଦୋକାନରେ ଯୁବତୀ ଓ ମହିଳାମାନେ ଭିଡ଼ ଜମାଇଥିଲେ। ଦୁଇ ଶହ ଟଙ୍କାର କୁର୍ତ୍ତିରୁ ଆରମ୍ଭ କରି ଦଶ ହଜାର ଟଙ୍କାର ଲେହେଙ୍ଗା ଓ ଦାମୀ ଶାଢ଼ିର ବିକ୍ରି ହୋଇଥିଲା। ମାର୍କେଟବିଲ୍ଡିଂର ବ୍ୟବସାୟୀ ରୋଶନ ସାହୁଙ୍କ କହିବା ଅନୁଯାୟୀ ଗତ ବର୍ଷ ତୁଳନା ଚଳିତ ବର୍ଷ ଭଲ ବ୍ୟବସାୟ ହେଉଛି। ଅନଲାଇନରେ ଅର୍ଡର ଦେଲେ ପ୍ରାୟ ଡ୍ରେସ୍‌ର ଡିଜାଇନ ସମାନ ଆସୁଥିବାରୁ ଯୁବପିଢ଼ି ପୁଣି ବଜାର ମୁହାଁ ହୋଇଛନ୍ତି।

# କେନ୍ଦୁଝରର ବନଖଣ୍ଡରେ ଅଛନ୍ତି ୧୩୫ ହାତୀ

**କେନ୍ଦୁଝର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ହାତୀ ଗଣନା ଶେଷ ହୋଇଛି। ରିପୋର୍ଟ ଅନୁସାରେ ରାଜ୍ୟରେ ୨୦୯୮ଟି ହାତୀ ରହିଥିବା ବେଳେ କେନ୍ଦୁଝର ବନଖଣ୍ଡରେ ୧୩୫ଟି ହାତୀ ରହିଥିବା ଜଣାପଡ଼ିଛି। ଏଥିରୁ ଛୋଟବଡ଼ ୨୮ଟି ଦନ୍ତା, ୫୮ଟି ମାଈ, ୨୮ଟି ଛୁଆ, ମଧ୍ୟବୟସ୍କ ମାଖନା ହାତୀ ୨ଟି, ଅପ୍ରାପ୍ତ ବୟସ୍କ (ଜୁଭେନାଇଲ) ୧୯ଟି ହାତୀ ରହିଛି।

କେନ୍ଦୁଝର ଜିଲ୍ଲା ମେ ୨୨ରୁ ହାତୀ ଗଣନା ଆରମ୍ଭ ହୋଇ ୨୪ ତାରିଖରେ ଶେଷ ହୋଇଥିଲା।



କେନ୍ଦୁଝର ଡିଭିଜନ ଅଧୀନରେ ଥିବା ସମସ୍ତ ୭ଟି ରେଂଜରେ ୪୩ଟି ମଞ୍ଚା ବନ୍ଧା ଯାଇଥିଲା। ବନ କର୍ମଚାରୀଙ୍କୁ ମୋଟ ୮୧ଟି ୟୁନିଟ୍‌ରେ ଭାଗ କରାଯାଇଥିଲା। ସେମାନ ଜଙ୍ଗଲରେ ଥିବା ଓ୍ୱାଚ୍ ଟାଓ୍ୱାର ଓ ମଞ୍ଚାରେ ରହି ହାତୀ ଗଣନା କରିଥିଲେ। ୩ଜଣ ଲେଖାଏଁ ବନ କର୍ମଚାରୀଙ୍କୁ ନେଇ ଗୋଟିଏ ଗୋଟିଏ ୟୁନିଟ୍ ପ୍ରସ୍ତୁତ ହୋଇଥିଲା। ମଞ୍ଚାରେ ଥାଇ ବନ କର୍ମଚାରୀମାନେ ହାତୀଙ୍କ ଗତିବିଧି ଉପରେ ନଜର ରଖିବା ସହ ସେମାନଙ୍କ ସଂଖ୍ୟା ଗଣନା କରିଥିଲେ। ଘଞ୍ଚ ଜଙ୍ଗଲରେ ହାତୀ ଗଣନା କରିବା କଷ୍ଟକର ହେଉଥିବାରୁ ସେଠାରେ ଡ୍ରୋନର ସହାୟତା ନିଆଯାଇଥିଲା।

ଅନ୍ୟପକ୍ଷରେ ୪୦ଦିନ ଧରି କଲରାପତରିଆ ବାଘ ଗଣନା ଚାଲିଛି। ଏଥିପାଇଁ ବିଭିନ୍ନ ଜଙ୍ଗଲରେ ୮୭ଟି ଟ୍ରାପ କ୍ୟାମେରା ଲଗାଯାଇଛି। କଲରାପତରିଆ ବାଘ ରହୁଥିବା ଘଟଗାଁ ରେଞ୍ଜର ଅଟେଇ ସଂରକ୍ଷିତ ଜଙ୍ଗଲ, ତେଲକୋଇ ରେଞ୍ଜର କଳାପାଟ ସଂରକ୍ଷିତ ଜଙ୍ଗଲ, ବଡ଼ବିଲ ରେଞ୍ଜର ସିଦ୍ଧମଠ ସଂରକ୍ଷିତ ଜଙ୍ଗଲ, କେନ୍ଦୁଝର ସଦର ରେଞ୍ଜ ଅନ୍ତର୍ଗତ ଖଜୁରୀବଣି ଜଙ୍ଗଲ ଓ ବାରବାଙ୍କ ସଂରକ୍ଷିତ ଜଙ୍ଗଲରେ ଟ୍ରାପ୍ କ୍ୟାମେରା ଲଗାଯାଇଛି।

ଟ୍ରାପ୍ କ୍ୟାମେରାରେ କଏଦ ହେଉଥିବା ଚିତ୍ର ଗୁଡ଼ିକୁ ରେଫରେନ୍ସ ଭାବେ ବ୍ୟବହାର କରାଯାଉଛି। ହାତୀ ଗଣନା ରିପୋର୍ଟ ପ୍ରକାଶ ପାଇଥିଲା। ଖୁବଶୀଘ୍ର କଲରାପତରିଆ ବାଘ ଗଣନା ରିପୋର୍ଟ ପ୍ରକାଶ ପାଇବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

# ବନ୍ଧାହେଲେ ବାଇକ୍‌ଚୋର ନନା



## ଦିନରେ ପୂଜାପାଠ, ରାତିରେ ଲୁଟ୍‌ପାଟ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପେସା ଥିଲା ପୂଜାପାଠ, ହେଲେ କୌଣସି କାରଣରୁ ତାଙ୍କର ନିଶା ପାଲଟିଗଲା ବାଇକ୍ ଚୋରି। ରାଜଧାନୀର ଏଭଳି ଜଣେ ପେସାଦାର ବାଇକ୍‌ଚୋର ନନା (ପୂଜକ)ଙ୍କୁ ଗିରଫ କରିଛି ପୁଲିସ। ଏ ଚୋରନନା ବିଭିନ୍ନ ମଲ୍ ଓ ହସ୍ପିଟାଲ୍ ପାର୍କିଂରୁ ବାଇକ୍ ଚୋରି କରୁଥିଲେ। ତାଙ୍କ ପାଖରୁ ଗୋଟିଏ କି ଦୁଇଟି ନୁହେଁ, ପ୍ରାୟ ୨୦ ଲକ୍ଷ ଟଙ୍କାର ୨୪ଟି ଚୋରି ବାଇକ୍ ଜବତ ହୋଇଛି। ପୂର୍ବରୁ ସେ ଆହୁରି ଅନେକ ବାଇକ୍ ଚୋରିକରି ବିକ୍ରି କରି ସାରିଛନ୍ତି। ତମାଣ୍ଡୋ ଥାନା ଅଧୀନସ୍ଥ ଜାଆଁଲା ଅଞ୍ଚଳର ଏହି ବାଇକ୍‌ଚୋର ନନା କୃପାସିନ୍ଧୁ ମହାପାତ୍ରଙ୍କର କାରନାମାରେ ପୁଲିସ ସ୍ୱୟଂ ତାଜୁବ ହୋଇଯାଇଛି। ଏଯାଏ ଏଇ ନାନାଙ୍କ ବିରୋଧରେ ରାଜଧାନୀର ବିଭିନ୍ନ ଥାନାରେ ୭ଟି ମାମଲା। ଏହା ଆହୁରି ବଢ଼ିପାରେ ବୋଲି ପୁଲିସ କମିସନର ସଂଜୀବ ପଣ୍ଡା ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।

## ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଦୁଇ ମୃତ, ୨ ଗୁରୁତର

**ସିନ୍ଧେକେଲା, ନ୍ୟୁଜ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ସିନ୍ଧେକେଲା ଥାନା ଅନ୍ତର୍ଗତ ଭବାନୀପାଟଣା – ରାଇପୁର ୧୬ ନମ୍ବର ରାଜ୍ୟ ରାଜପଥର ଜାମ ଖୁଣ୍ଟା – ବଙ୍କାପୁର ମଝିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ବର୍ତ୍ତମାନ ସୁଦ୍ଧା ଦୁଇ ମୃତ ଓ ଦୁଇ ଗୁରୁତର ଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ ରାତିରେ କୌଣସି କାମରେ ଜାମଖୁଣ୍ଟା ପଞ୍ଚାୟତ ଅନ୍ତର୍ଗତ କାଲକୁଟ ଦର୍ଲିପଡାର କଦମ ମାଝୀ (୧୮), ଘନଶ୍ୟାମ ମାଝୀ (୨୩) ଓ ବିଛୁ ବେହେଳି ଗ୍ରାମର ନରେଶ ମାଝୀ (୨୨) ଏକ ଗ୍ଲାମର ଗାଡ଼ିରେ ଘରୁ ବାହାରି ଯାଇଥିଲେ। ତେବେ ଉକ୍ତ ତିନିଜଣ ଯୋଉ ସ୍ଥାନରେ ଦୁର୍ଘଟଣାଗ୍ରସ୍ତ ହୋଇଛନ୍ତି, ସେହି ସ୍ଥାନରେ ଆଉ ଜଣଙ୍କ ମୁଣ୍ଡ ଚାପି ହୋଇ ଯାଇଥିବାରୁ ତାଙ୍କ ପରିଚୟ ବର୍ତ୍ତମାନ ସୁଦ୍ଧା ମିଳିପାରିନାହିଁ।

# ବଦଳିଲା ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତି: ଅର୍ପଣ ଚାଉଳରୁ ପ୍ରସ୍ତୁତ ମହାପ୍ରସାଦ ବଣ୍ଟନ ବନ୍ଦ



**ପୁରୀ, ନ୍ୟୁଜ ବ୍ୟୁରୋ**

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଓ ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତିକ୍ରମେ ମହାପ୍ରଭୁଙ୍କ ଅର୍ପଣ ରଥ ଚାଉଳରେ ପ୍ରସ୍ତୁତ ହେଉଥିଲା କାନିକା, ଖେଚେଡ଼ି ଆଦି ମହାପ୍ରସାଦ। ସୁଆର ମହାସୁଆର ନିଯୋଗ ଏହାକୁ ଶ୍ରୀମନ୍ଦିର ରୋଷଶାଳାରେ ପ୍ରସ୍ତୁତ କରି ଶ୍ରୀମନ୍ଦିରର ତିନି ଦ୍ୱାରରେ ଭକ୍ତଙ୍କୁ ମାଗଣାରେ ବାଣ୍ଟୁଥିଲା। ଚଳିତବର୍ଷ ଫେବ୍ରୁଆରି ମାସରୁ ଭକ୍ତମାନେ ଏହି ମାଗଣା ମହାପ୍ରସାଦ ପାଇପାରୁଥିଲେ। କେହି କେହି ଅନୁରୋଧ କରି ପରିବାର ଲୋକ ପାଇବା ପାଇଁ ମହାପ୍ରସାଦ ନେଇ ଯାଉଥିଲେ। କିନ୍ତୁ ରାଜ୍ୟରେ ସରକାର ବଦଳିବା ପରେ ହଠାତ୍ ଏହାକୁ ବନ୍ଦ କରି ଦେଇଛି ଶ୍ରୀମନ୍ଦିର ପ୍ରଶାସନ। ଖୁବଶୀଘ୍ର ଏ ଉପରେ ଶ୍ରୀମନ୍ଦିର ପ୍ରଶାସକଙ୍କୁ ନିଯୋଗ ଭେଟିବ ବୋଲି ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗ ସଂପାଦକ ନାରାୟଣ ମହାସୁଆର କହିଛନ୍ତି। ଅପରପକ୍ଷେ ଏହାକୁ ନେଇ ଭକ୍ତ ମହଲରେ ଅସନ୍ତୋଷ ଦେଖାଦେଇଛି। ଭକ୍ତ ଅଭିଯୋଗ କରିଛନ୍ତି, ଏହି ମହତ ବ୍ୟବସ୍ଥାରେ ଦୈନିକ ଶହ ଶହ ଗରିବ ଶ୍ରଦ୍ଧାଳୁ ମହାପ୍ରସାଦ ପାଇବାର ସୌଭାଗ୍ୟ ପାଉଛନ୍ତି। କିନ୍ତୁ ଏହି ବ୍ୟବସ୍ଥା ବନ୍ଦ ହୋଇଗଲେ, ଭକ୍ତମାନେ ମହାପ୍ରସାଦ ପାଇବାରୁ ବଞ୍ଚିତ ହେବେ। କେବଳ ଗରିବ ନୁହନ୍ତି, ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ଭକ୍ତ ନିରାଶ ହେବେ। ଏଣୁ ଏହି ବ୍ୟବସ୍ଥା ପୁନଃପ୍ରଚଳନ କରିବାକୁ ଭକ୍ତମାନେ ଦାବି କରିଛନ୍ତି। ସୁଆର ମହାସୁଆର ନିଯୋଗ ସମ୍ପାଦକ ଶ୍ରୀ ମହାସୁଆର କହିଛନ୍ତି, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉପଲକ୍ଷେ ସାରା ରାଜ୍ୟ ବୁଲିଥିବା ଅର୍ପଣ ରଥ ଜରିଆରେ ପ୍ରାୟ ୧୩ହଜାର କ୍ୱିଣ୍ଟାଲ ଚାଉଳ ସଂଗ୍ରହ କରାଯାଇଥିଲା। ଯାହା ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ଗଚ୍ଛିତ ରଖାଯାଇଥିଲା। ଏଥିରୁ ପ୍ରାୟ ୧୦ହଜାର ୭୪୨ କ୍ୱିଣ୍ଟାଲ ଚାଉଳରୁ କାନିକା, ଖେଚେଡ଼ି ଆଦି ପ୍ରସ୍ତୁତ ହୋଇ ଭକ୍ତଙ୍କୁ ବଣ୍ଟନ ସରିଛି। ବାକି ଚାଉଳକୁ କାନିକା, ଖେଚେଡ଼ି ଆଦି ବି ପ୍ରସ୍ତୁତ ହେବ। କିନ୍ତୁ ଆଜି ଶ୍ରୀମନ୍ଦିର ପ୍ରଶାସନ ଏହାକୁ ବନ୍ଦ କରି ଦେଇଛି। ନୂଆ ସରକାର ଆସିବା ପରେ ଏହା ପୁଣିଥରେ ଆରମ୍ଭ ହେବ ବୋଲି ଶ୍ରୀ ମହାସୁଆର ଆଶାପୋଷଣ କରିଛନ୍ତି। ସୁଆର ମହାସୁଆର ନିଯୋଗ ସମ୍ପାଦକ ଶ୍ରୀ ମହାସୁଆର କହିଛନ୍ତି, ବହୁ ବର୍ଷ ହେବ ଶ୍ରୀମନ୍ଦିର ପ୍ରଶାସନ ମାଗଣା ମହାପ୍ରସାଦ ଭକ୍ତଙ୍କୁ ଦେଇ ଆସୁଥିଲା। ଏ ବାବଦ ଖର୍ଚ୍ଚ ଶ୍ରୀମନ୍ଦିର ପ୍ରଶାସନ ବହନ କରୁଥିଲା। ଏମାର ମଠ ଚକଡ଼ାରେ ଭକ୍ତଙ୍କୁ ମହାପ୍ରସାଦ ବଣ୍ଟନ ହେଉଥିଲା। କିନ୍ତୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଉଚ୍ଛେଦ ପରେ ଏହି ବ୍ୟବସ୍ଥା ବନ୍ଦ ହୋଇଯାଇଥିଲା। ସୁଆର ମହାସୁଆର ନିଯୋଗ ଅନୁରୋଧକ୍ରମେ ଶ୍ରୀମନ୍ଦିର ପ୍ରଶାସନ ଅର୍ପଣ ଚାଉଳରୁ ମହାପ୍ରସାଦ ପ୍ରସ୍ତୁତ କରି ଭକ୍ତଙ୍କୁ ବାଣ୍ଟିବାର ବ୍ୟବସ୍ଥା କରିଥିଲେ। କିନ୍ତୁ ଆଜିଠାରୁ ଏହା ବନ୍ଦ କରି ଦିଆଯାଇଛି। ଏଣୁ ନିଯୋଗ ଏ ଦିଗରେ ଆଗାମୀ ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା କରିବ ବୋଲି ଶ୍ରୀ ମହାସୁଆର କହିଛନ୍ତି।

# ସାଙ୍ଗ ସହ ବଚସା ପରେ ଯୁବକଙ୍କ ଆତ୍ମହତ୍ୟା

**ଯୋଡା, ନ୍ୟୁଜ ବ୍ୟୁରୋ**

ଯୋଡା ଥାନା ଅନ୍ତର୍ଗତ ଆଜଦବସ୍ତିର ଶିବ ଶଙ୍କର ମହାକୁଡ (୨୩) ନାମକ ଜଣେ ଯୁବକ ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଥିବା ଯୋଡା ଥାନାରେ ଅଭିଯୋଗ ହୋଇଛି । ତାଙ୍କ ବାପା କହ୍ନେଇ ମହାକୁଡଙ୍କ ଅଭିଯୋଗ ମୁତାବକ ସୋମବାର ଦିନ ଅପରାହ୍ନରେ ତାଙ୍କର ପୁଅ ଶିବ ଶଙ୍କର ତାଙ୍କ ଜଣେ ସାଙ୍ଗ ବିକି ସହିତ ପାଟି ତୁଣ୍ଡ ହୋଇଥିବା ସେ ତାଙ୍କୁ ଜଣାଇଥିଲେ । ରାତିରେ ଶିବ ଶଙ୍କର ଖାଇ ସାରି ତା ରୁମରେ ଶୋଇଥିଲା । ବିଳମ୍ବିତ ରାତିରେ ବିକି ଏବଂ ତାଙ୍କର କେତେ ଜଣ ସାଙ୍ଗ ଘରକୁ ଆସି ଶିବ ଶୋଇଥିବା ଘରକୁ ଟର୍ଚ୍ଚ ମାରି ତାକୁ ଡାକିଥିଲେ, ତେବେ ସେ କବାଟ ଖୋଲିନଥିଲା । ତେବେ ଘରର ପରଦାକୁ ଛିଣ୍ଡାଇ ଶିବ ରଶି ଲଗାଇଥିବା ଜଣାପଡିଥିଲା । ଏ ନେଇ ମଙ୍ଗଳବାର ସକାଳେ ପୁଲିସକୁ ଜଣାଇବାକୁ ପରେ ଘଟଣାସ୍ଥଳରେ ପୁଲିସ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ତେବେ ଶିବ ଶଙ୍କରଙ୍କ ସାଙ୍ଗ ବିକି ଏବଂ ତାଙ୍କ ସହଯୋଗୀମାନଙ୍କୁ ପୁଲିସ ତଦନ୍ତ ପରିସରଭୁକ୍ତ କରିବ ବୋଲି ଜଣାପଡିଛି ।

# ଝାରପଡ଼ା ଜେଲ୍‌ରୁ ସ୍ଥାନାନ୍ତର ହେବେ ୧୪୦ କଏଦୀ

## ରହୁଛନ୍ତି କ୍ଷମତାଠାରୁ ଢେର ଅଧିକ, ଗଢୁଛନ୍ତି ଗୋଷ୍ଠୀ, ବଢୁଛି ବିଶୃଙ୍ଖଳା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଦିନକୁ ଦିନ ଝାରପଡ଼ା ଜେଲ୍ କଏଦୀଙ୍କ ସଂଖ୍ୟା ବଢ଼ିବାରୁ ସ୍ଥିତି ବିଗିଡ଼ିବାର ଲାଗିଛି। ସ୍ଥାନ ଅଭାବରୁ ସେଲ୍‌ରେ କ୍ଷମତାଠାରୁ ଅଧିକ କଏଦୀଙ୍କୁ ରଖାଯାଉଛି। ଗୋଟିଏ ସ୍ଥାନରେ ମାତ୍ରାଧିକ କଏଦୀ ରହିବାରୁ ସେମାନେ ସେଠାରେ ଗୋଷ୍ଠୀ ତିଆରି କରୁଛନ୍ତି। ନିଶା କାରବାର ଠାରୁ ଆରମ୍ଭ କରି ଅପରାଧର ଷଡ଼ଯନ୍ତ୍ର ପ୍ରସ୍ତୁତ କରିବା ଭଳି ବିଭିନ୍ନ କାରଣକୁ ନେଇ ଅନେକ ସମୟରେ କଏଦୀଙ୍କ ମଧ୍ୟରେ ହାତାହାତି ଭଳି ଘଟଣା ଦେଖିବାକୁ ମିଳିଛି। ଏମିତିକି ମାରପିଟ୍ ହୋଇ ରକ୍ତାକ୍ତ ହେଉଛନ୍ତି। ଯାହାକୁ ନେଇ ଏବେ ଚିନ୍ତାରେ ପଡ଼ିଛନ୍ତି ଜେଲ୍ କର୍ତ୍ତୃପକ୍ଷ। ତେଣୁ ଜେଲ୍‌ର କିଛି କଏଦୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଯୋଜନା କରାଯାଇଛି। ତଥ୍ୟ ମୁତାବକ, ଝାରପଡ଼ା ସ୍ୱତନ୍ତ୍ର କାରାଗାରରେ ୯୯୦ କଏଦୀ ରହିବା ପାଇଁ ବ୍ୟବସ୍ଥା ରହିଛି। ହେଲେ ଜେଲ୍‌ରେ ୧୪୪୦ କଏଦୀଙ୍କୁ ରଖାଯାଇଥିଲା। ବିଭିନ୍ନ ସମୟରେ କଏଦୀଙ୍କ ମଧ୍ୟରେ ଗଣ୍ଡଗୋଳ ଯୋଗୁଁ




କେତେକଙ୍କୁ ସିସିଟିଭିରୁ ଚିହ୍ନଟ କରାଯାଇ କଟକ, ଆଠଗଡ଼, ବାଣପୁର, ନିମାପଡ଼ା ଓ ପୁରୀ ଜେଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। ବର୍ତ୍ତମାନ ଜେଲ୍‌ରେ ୧୨୩୦ କଏଦୀ ରହୁଥିବାରୁ। ପୂର୍ବଭଳି ସମାନ ସ୍ଥିତି ଦେଖିବାକୁ ମିଳୁଛି। କିଛିଦିନ ତଳେ ଦୋଷୀସାବ୍ୟସ୍ତ ହୋଇଥିବା ୩୦ କଏଦୀଙ୍କୁ ଆଠଗଡ଼ ପଠାଯାଇଥିବା ବେଳେ ଦୁଇ ଦିନ ତଳେ ୩ଜଣଙ୍କୁ କଟକ ଜେଲ୍‌କୁ ପଠାଯାଇଛି। ଏହା ସତ୍ତ୍ୱେ ମଧ୍ୟ ଜେଲ୍‌ରେ ବିଶୃଙ୍ଖଳା ଦେଖାଦେଉଛି। ଏବେ ବି ଜେଲ୍‌ରେ ୧୨୩୦ କଏଦୀ ଅଛନ୍ତି। ସେଥିରୁ ୧୪୦ଜଣଙ୍କୁ ପୁରୀ, ନିମାପଡ଼ା ଓ ବାଣପୁର ପଠାଇବାକୁ ଜେଲ୍ ପକ୍ଷରୁ କୋର୍ଟକୁ ଚିଠି କରାଯାଇଛି। ଗତ ମାର୍ଚ୍ଚ ୧୭ ତାରିଖରେ ଜେଲ୍‌ରେ ନିଶା କାରବାରକୁ ନେଇ ଦୁଇ ଅପରାଧୀ ଗୋଷ୍ଠୀ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଥିଲା। କୁଖ୍ୟାତ ଅପରାଧୀ ଚକରା ବାରିକ ଅନ୍ୟ ଏକ ଓ୍ୱାର୍ଡରେ ପଶି ଶମ୍ଭୁନାଥ ବାରିକ ଓ ତାର ସହ ଯୋଗୀଙ୍କୁ ଆକ୍ରମଣ କରିଥିଲା। ଆକ୍ରମଣ ଯୋଗୁଁ ଶମ୍ଭୁନାଥ ଗୁରୁତର ହୋଇଥିଲା। ବିଭାଗୀୟ ତଦନ୍ତ ବେଳେ ମୁଖ୍ୟ କାରାରକ୍ଷୀ ଓ ଓ୍ୱାର୍ଡରଙ୍କ ଭୂମିକା କଥା ବି ପଦାକୁ ଆସିଥିଲା। ଆକ୍ରମଣ ଘଟଣାରେ ପ୍ରଭାତ ମହାରଣାଙ୍କ ଭୂମିକା ସ୍ପଷ୍ଟ ହୋଇଥିଲା। କାରଣ କୁଖ୍ୟାତ ଅପରାଧୀ ଚକରା ରହୁଥିବା ଓ୍ୱାର୍ଡ ଦାୟିତ୍ୱରେ ପ୍ରଭାତ ରହିଥିଲେ। ଘଟଣାଦିନ ଚକରା ଓ ତାର ସହଯୋଗୀ ନିଜ ଓ୍ୱାର୍ଡ ଛାଡ଼ି ଅନ୍ୟ ଓ୍ୱାର୍ଡରେ ରହୁଥିବା ଶମ୍ଭୁନାଥ ଓ୍ୱାର୍ଡରେ ପଶି ତାଙ୍କୁ ଆକ୍ରମଣ କରି ରକ୍ତାକ୍ତ କରିଥିଲେ। କିଭଳି ଗୋଟିଏ ଓ୍ୱାର୍ଡରୁ ଅନ୍ୟ ଓ୍ୱାର୍ଡକୁ ଗଲେ। ଏସବୁର ସିସିଟିଭି ଫୁଟେଜ୍ ଯାଞ୍ଚ ବେଳେ ଘଟଣା ପଦାକୁ ଆସିଥିଲା ଯେ ପ୍ରଭାତ ହିଁ ଚକରାକୁ ଅନୁକମ୍ପା ଦେଖାଇ ଛାଡ଼ିଥିଲେ। ସେହିପରି ଗତ ମାର୍ଚ୍ଚ ୨୦ ତାରିଖ ଭୋର ସମୟରେ କମିସନରେଟ୍ ପୁଲିସ ପକ୍ଷରୁ ଜେଲ୍‌ରେ ଚଢ଼ଉ ଦିନ ବିଭିନ୍ନ ସେଲ୍‌ରୁ ବିପୁଳ ପରିମାଣର ନିଶାଦ୍ରବ୍ୟ ଜବତ କରାଯାଇଥିବା ବେଳେ ରାତ୍ରି ଡ୍ୟୁଟିରେ ଚିଫ୍ ଓ୍ୱାର୍ଡର ମଙ୍ଗୁଲି ସେଠି ଥିଲେ। ସେ ଦାୟିତ୍ୱରେ ଥିବା ବେଳେ କିଭଳି ଜେଲ୍ ଭିତରକୁ ନିଶାଦ୍ରବ୍ୟ ପଶିଲା ସେ ନେଇ ଆରମ୍ଭ ହୋଇଥିଲା ତନାଘନା। ସିସିଟିଭି ଫୁଟେଜ୍ ଓ ଜେରା ବେଳେ ମଙ୍ଗୁଲିଙ୍କ ଭୂମିକା ପଦାକୁ ଆସିଥିଲା। ଜେଲ୍ ଡିଜିଙ୍କ ନିର୍ଦ୍ଦେଶ କ୍ରମେ ଡିଆଇଜି ଅନୁସୟା ଜେନା ଓ ବରିଷ୍ଠ ମଣ୍ଡଳ କାରାଗାର ଅଧୀକ୍ଷକ ଧୀରେନ୍ଦ୍ର ନାଥ ବାରିକ ଘଟଣାର ତଦନ୍ତ କରି ରିପୋର୍ଟ ଦାଖଲ କରିଥିଲେ। ତଦନ୍ତ ରିପୋର୍ଟ ଆଧାରରେ ଡିଜି ଏଏମ୍‌କେ ପ୍ରସାଦ ପ୍ରଭାତଙ୍କୁ ଚାକିରିରୁ ନିଲମ୍ବନ କରିଥିବା ବେଳେ ମଙ୍ଗୁଲିଙ୍କୁ ନିମାପଡ଼ା ଜେଲ୍‌କୁ ବଦଳି କରିଛନ୍ତି। ଏହାଛଡ଼ା ବିଶୃଙ୍ଖଳା ଘଟାଇଥିବା କଏଦୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଚିଠି ହୋଇଥିଲା।

## ମୌସୁମୀ ବର୍ଷାକୁ ନେଇ ଚିନ୍ତାରେ ରାଜଧାନୀବାସୀ

# ୨୦ଜୁନ ସୁଦ୍ଧା ଶେଷ ହେବ ଡ୍ରେନ ସଫେଇ କାମ : ବିଏମ୍‌ସି




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବର୍ତ୍ତମାନ ରାଜଧାନୀରେ ଅଧିକାଂଶ ନାଳ ଅପରିଷ୍କାର ଓ ଅସ୍ୱଚ୍ଛ ହୋଇ ପଡ଼ି ରହିଥିବାବେଳେ ପ୍ରାକ ମୌସୁମୀ ବର୍ଷାକୁ ନେଇ ଚିନ୍ତାରେ ସହରବାସୀ। ବର୍ଷା ହେଲେ ନାଳର ଅପରିଷ୍କାର ଯୋଗୁଁ ଜଳବନ୍ଦୀ ସମସ୍ୟା ଭୋଗିଥାନ୍ତି । ତେଣୁ ଜଳବନ୍ଦୀ ସମସ୍ୟାର ସମାଧାନକୁ ନେଇ ମୌସୁମୀ ଓଡ଼ିଶା ଛୁଇଁବା ପରେ ଭୁବନେଶ୍ୱରର ଜଳବନ୍ଦୀ ସମସ୍ୟାକୁ ନେଇ ପ୍ରତିକ୍ରିୟା ରଖିଛି ବିଏମସି । ଏନେଇ ବିଏମସି କମିଶନର ରାଜେଶ ପାଟିଲ କହିଛନ୍ତି ଯେ, ମୌସୁମୀ ବର୍ଷା ଓ ଏନେଇ ସୃଷ୍ଟି ହେଉଥିବା ଜଳବନ୍ଦୀ ସମସ୍ୟାର ସମାଧାନକୁ ନେଇ ବିଏମସି ପ୍ରସ୍ତୁତି ରହିଛି । ପୂର୍ବ ପ୍ରସ୍ତୁତି ସହ ସଫେଇ କାର୍ଯ୍ୟ ସହରରେ ଚାଲିଛି । ପ୍ରଥମ ପର୍ଯ୍ୟାୟରେ ୧୦ଜୁନ ଭିତରେ ଡ୍ରେନ ସଫେଇ କାର୍ଯ୍ୟ ସରିଯିବା ସହ ୨୦ଜୁନ ସୁଦ୍ଧା ଜଳବନ୍ଦୀ ଦିଗରେ ଥିବା ସମସ୍ତ କାର୍ଯ୍ୟ ଶେଷ ହୋଇଯିବ ବୋଲି କହିଛନ୍ତି କମିଶନର । ନିର୍ବାଚନ ଆଚରଣ ବିଧି ଲାଗୁ ପାଇଁ ଟେଣ୍ଡର ହୋଇପାରୁନଥିବାରୁ କାର୍ଯ୍ୟରେ ଟିକେ ବିଳମ୍ବ ହୋଇଛି । ହେଲେ ତୁରନ୍ତ ସମାଧାନ ପାଇଁ ବିଏମସି ସଜାଗ ହୋଇ ରହିଛି । ଡ୍ରେନେଜ ଓ ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ଏକ ସ୍ୱତନ୍ତ୍ର ଟିମ ଗଠନ ହୋଇଛି । ଏନେଇ ମୁଖ୍ୟ ଶାସନ ସଚିବଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକ ପିଡବ୍ଲୁଡି, ଏନଏଚ୍, ଇଡବ୍ଲୁ ସଂସ୍ଥାକୁ ନେଇ ମଧ୍ୟ ବୈଠକ ହୋଇଛି । ଏମାନଙ୍କ ଅଧୀନରେ ଥିବା ଜଳବନ୍ଦୀର ସମସ୍ୟାର ସମାଧାନ ପାଇଁ ମୌଳିକ ଡ୍ରେନ ସଫାର ସାମଗ୍ରୀ ଓ ପମ୍ପ ସେଟ୍ ସହ ବିଏମସିର ଏକ ତ୍ୱରିତ ସମାଧାନ ଟିମ୍ ପ୍ରସ୍ତୁତ ହୋଇ ରହିଛି । ସେ ଆହୁରି ମଧ୍ୟ କହିଛନ୍ତି ଯେ ,ପ୍ରତି ଜୋନରେ ଏହି ଟିମ୍ ପ୍ରସ୍ତୁତ ହୋଇ ରହିବେ । ବିଏମସିର ସହାୟତା ଲୋଡ଼ିବା କ୍ଷଣି ଲୋକମାନେ ଟିମ୍ ଯାଇ ସେବା ଯୋଗାଇବ । ଏହାସହ ମୁକୁଳା ଡ୍ରେନରକୁ ଢାଙ୍କିବା ବ୍ୟବସ୍ଥା ମଧ୍ୟ କରାଯାଇଛି । ୧୦ ଜୁନ ଭିତରେ ଜାତୀୟ ରାଜପଥ ପ୍ରାଧିକରଣ ଅଧିନସ୍ଥ ଡ୍ରେନର ସଫେଇ ହୋଇଯିବ ବୋଲି ବିଭାଗ ପ୍ରତିଶ୍ରୁତି ଦେଇଥିବା ବେଳେ ଜଳ ନିଷ୍କାସନର ବ୍ୟବସ୍ଥା ମଧ୍ୟ ହୋଇଛି। ଏଠାରେ ସୂଚନା ଥାଉକି, ସହରରେ ୮୦୦ କିମି ପାଖାପାଖି ସେକେଣ୍ଡାରୀ ଓ ଟରସିଲାରି ବା ସବ୍ ଡ୍ରେନ ରହିଥିବା ବେଳେ ୭୭ କିମି ଯାଇ ମୁଖ୍ୟ ଡ୍ରେନ ରହିଛି । ସେକେଣ୍ଡାରୀ ଓ ଟରସିଲାରି ଡ୍ରେନ କାର୍ଯ୍ୟ ସରିଯାଇଥିବା ବେଳେ ମୁଖ୍ୟ ଡ୍ରେନ ୨୦ ଜୁନ ସୁଦ୍ଧା ଶେଷ ହେବ ବୋଲି କହିଛନ୍ତି କମିଶନର । ତେବେ ଓଡ଼ିଶାକୁ ମୌସୁମୀ ଛୁଇଁଥିବା ବେଳେ ସହରରେ ଡ୍ରେନ୍ ସଫେଇ ସରିନାହିଁ। ଅସରାଏ ବର୍ଷା ହେଲେ ସହରରେ ଜଳବନ୍ଦୀ ସୃଷ୍ଟି ହେଉଥିବାରୁ ପ୍ରତିଥର ବିଏମ୍‌ସିକୁ ସମାଲୋଚନାର ଶୀକାର ହେବାକୁ ପଡୁଛି । ତେଣୁ ଜୁନ୍ ୨୦ ସୁଦ୍ଧା ଡ୍ରେନ୍ ସଫେଇ ସାରିବାକୁ ମେୟର ସୁଲୋଚନା ଦାସ ନିର୍ଦ୍ଦେଶ ଦେଇଛନ୍ତି । ଗତ ଶୁକ୍ରବାର ବିଏମ୍‌ସି କାର୍ଯ୍ୟାଳୟରେ ମେୟରଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଡ୍ରେନ୍ ସଫେଇର ସମୀକ୍ଷା କରାଯାଇଥିଲା । ଚଳିତ ବର୍ଷ ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ଥିବା ସମସ୍ତ ଡ୍ରେନ୍‌ର ସଫେଇ କାର୍ଯ୍ୟ ବିଏମ୍‌ସିକୁ ଦିଆଯାଇଛି । ୭୭କି.ମି. ବିଶିଷ୍ଟ ୧୦ଟି ମୁଖ୍ୟ ଡ୍ରେନ ମଧ୍ୟରୁ ମାତ୍ର ୨୨କି.ମି. ସଫା ହୋଇଛି । ଆର ଆଣ୍ଡ ବି ଅଧିନରେ ଥିବା ୫ଟି ଡିଭିଜନ୍ ଅନ୍ତର୍ଗତ ୩୬୦କି.ମିରୁ ମାତ୍ର ୫୨କି.ମି. ସଫେଇ କରାଯାଇଛି । ସେହିପରି ୯୨୪.୨୭କି.ମି ଆଭ୍ୟନ୍ତରୀଣ ଡ୍ରେନ୍ ମଧ୍ୟରୁ ଏବେସୁଦ୍ଧା ୬୫% ଡ୍ରେନ୍ ସଫା ହୋଇଛି । ଡ୍ରେନ୍ ସଫେଇ ପାଇଁ ମୋଟ୍ ୩୪ଟି ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି । ଏହାବାଦ୍ ସଫେଇ କାମ ଅଧା ସରି ନ ଥିବାରୁ ମେୟର ଅସନ୍ତୋଷ ପ୍ରକାଶ କରିଥିଲେ । ଯୁଦ୍ଧକାଳୀନ ଭିତ୍ତିରେ କାମ ସାରିବାକୁ ମେୟର ନିର୍ଦ୍ଦେଶ ଦେଇଛନ୍ତି ।

## ଅଣ୍ଡା ଉତ୍ପାଦନ କରିବ ବତକ କେନ୍ଦ୍ର: ରାଜ୍ୟର ପ୍ରଥମ ବତକ ପ୍ରଜନନ କେନ୍ଦ୍ର

**କଟକ, ନ୍ୟୁଜ ବ୍ୟୁରୋ**

ଅଢ଼େଇବର୍ଷ ବନ୍ଦ ରହିବାପରେ ଗତ ମାର୍ଚ୍ଚରୁ କାର୍ଯ୍ୟକ୍ଷମ ହୋଇଛି କଟକ ଖପୁରିଆସ୍ଥିତ ରାଜ୍ୟର ପ୍ରଥମ ବତକ ପ୍ରଜନନ କେନ୍ଦ୍ର। ସେଥିରୁ ଆଜି ସୁଦ୍ଧା ତିନୋଟି ପର୍ଯ୍ୟାୟରେ ପାଖାପାଖି ୬ହଜାର ବତକ ଚିଆଁ ଉତ୍ପାଦନ କରାଯାଇ ଚାଷୀଙ୍କୁ ବିକ୍ରି କରାଯାଇଛି। ଆଗକୁ ବତକ ପ୍ରଜନନ କେନ୍ଦ୍ରକୁ ଅଧିକ ସ୍ୱୟଂସମ୍ପୂର୍ଣ୍ଣ କରିବା ପାଇଁ ଅନେକ ଯୋଜନା କରାଯାଇଥିବା ଜଣାପଡ଼ିଛି। ବତକ ପ୍ରଜନନ କେନ୍ଦ୍ରର ପୁନରୁଦ୍ଧାର ପରେ ତିନୋଟି ପର୍ଯ୍ୟାୟରେ ୬ହଜାର ବତକ ଚିଆଁ ଉତ୍ପାଦନ ହେବା ସହ ରାଜ୍ୟର ବିଭିନ୍ନ ଅଞ୍ଚଳର ଚାଷୀ ବତକ ଚିଆଁ କିଣିଛନ୍ତି। ବତକ ଅଣ୍ଡା ପାଇଁ ବେଙ୍ଗାଲୁରୁ ସଂସ୍ଥାରୁ ୩ ହଜାର ବତକ ଅଣ୍ଡା ଅଣାଯାଇଛି। ଚାଷୀଙ୍କୁ ବତକ ଚିଆଁ ଗୋଟା ୩୮ ଟଙ୍କାରେ ଏବେ ବିକ୍ରି କରାଯାଉଛି। ତେବେ ଆଗକୁ ବେଙ୍ଗାଲୁରୁ ସଂସ୍ଥାରୁ ନକିଣି ନିଜସ୍ୱ ଅଣ୍ଡା କିପରି ପ୍ରସ୍ତୁତ କରାଯିବ ସେ ଦିଗରେ କାର୍ଯ୍ୟ କରାଯିବ। ସୂଚନା ଅନୁସାରେ, ପ୍ରଜନନ କେନ୍ଦ୍ରରେ ଚାଷୀଙ୍କୁ ଚିଆଁ ତଥା ବତକ ପାଳନ ସମ୍ପର୍କିତ ତାଲିମ ଦେବା ପାଇଁ ୪ଟି ପ୍ରଜାତିର ବତକ ରଖାଯିବ। ଇତିମଧ୍ୟରେ ଖାକି କ୍ୟାମ୍ପେଲ୍ ଓ ହ୍ୱାଇଟ୍ ପେକିନ୍ ପ୍ରଜାତିର ବତକ ଅଣାସରିଥିବାବେଳେ କୁଜି ଓ ଚମ୍ପେଲି ପ୍ରଜାତିର ବତକ ଅଣାଯିବ। ଖାକି କ୍ୟାମ୍ପେଲ୍ ପ୍ରଜାତିର ବତକ ଅଣ୍ଡାଦିଆ ହୋଇଥିବା ବେଳେ ମାଂସ ମଧ୍ୟ ଖାଇ ପାରିବେ। ସେହିପରି ହ୍ୱାଇଟ୍ ପେକିନ୍ ବ୍ରଏଲର ପ୍ରଜାତିର, କୁଜି ଦେଶୀ ବ୍ରିଡ୍ ବୋଲି ଜଣାପଡ଼ିଛି। ଖୁବ୍‌ଶୀଘ୍ର ଏସବୁକୁ ବ୍ୟବସ୍ଥିତ କରାଯାଇ ଏହାକୁ ସ୍ୱୟଂସମ୍ପୂର୍ଣ୍ଣ ତଥା ଚାଷୀଙ୍କ ପାଇଁ ଲାଭଦାୟକ କରାଯିବ। ସେ ନେଇ ସମସ୍ତ ଯୋଜନା କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ହୋଇଥିବା ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ବିଭୁରଞ୍ଜନ ଦାସ ସୂଚନା ଦେଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ୧୯୭୭ରେ ରାଜ୍ୟର ଏହି ପ୍ରଥମ ବତକ ପ୍ରଜନନ କେନ୍ଦ୍ର ଖପୁରିଆଠାରେ ପ୍ରତିଷ୍ଠା କରାଯାଇଥିଲା। ରାଜ୍ୟ ବାହାରୁ ଚାଷୀମାନେ ଆସି ଏଠାରୁ ଚିଆଁ ନେଉଥିଲେ। ତେବେ ଅଢ଼େଇ ବର୍ଷ ତଳେ ଲଗାଣ ବର୍ଷାରେ କେନ୍ଦ୍ର ପରିସର ନର୍ଦ୍ଦମା ପାଣିରେ ଉବୁଟୁବୁ ହୋଇ ୪୫୦ରୁ ଅଧିକ ମା' ବତକଙ୍କ ମୃତ୍ୟୁ ହୋଇଥିଲା।

# ବିଧାନସଭାରେ ମହିଳା ପ୍ରତିନିଧି ୭.୪ ପ୍ରତିଶତ: ୨୦ ବର୍ଷରେ ଦ୍ୱିତୀୟ ସର୍ବନିମ୍ନ

**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ବିଧାନସଭାରେ ଏଥର ମାତ୍ର ୭.୪% ମହିଳାଙ୍କ ପ୍ରତିନିଧିତ୍ୱ। ଅର୍ଥାତ୍ ଚଳିତ ନିର୍ବାଚନରେ ୧୪୭ରୁ ମାତ୍ର ୧୧ ଜଣ ବିଧାୟିକା ନିର୍ବାଚିତ ହୋଇଛନ୍ତି। ଏଥିରେ ବିଜେପିର ୭୮ରୁ ୫, ବିଜେଡିର ୫୧ରୁ ୫ ଏବଂ କଂଗ୍ରେସର ୧୪ରୁ ମାତ୍ର ଜଣେ ଅଛନ୍ତି। ଯାହାକି ୨୦ ବର୍ଷ ମଧ୍ୟରେ ଦ୍ୱିତୀୟ ସର୍ବନିମ୍ନ ସ୍ତର ଅଟେ। ଏହାପୂର୍ବରୁ ୨୦୦୪ ମସିହାରେ ୧୨, ୨୦୦୯ ମସିହାରେ ୭, ୨୦୧୪ରେ ୧୨, ୨୦୧୯ ମସିହାରେ ସର୍ବାଧିକ ୧୮ ଜଣ ମହିଳା ବିଧାୟକ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଆଶା କରାଯାଉଥିଲା, ଚଳିତ ବର୍ଷ ଏହି ସଂଖ୍ୟା ବଢ଼ିବ ମାତ୍ର ଏହାର ବିପରୀତ ସ୍ଥିତି ସୃଷ୍ଟି ହୋଇଛି । ରାଜ୍ୟରେ ସମୁଦାୟ ମତଦାତାଙ୍କ ସଂଖ୍ୟା ୩ କୋଟି ୩୬ ଲକ୍ଷ ୪୬ ହଜାର ୭୬୨। ଏଥିରେ ମହିଳା ମତାଦାତାଙ୍କ ସଂଖ୍ୟା ୧ କୋଟି ୬୬ ଲକ୍ଷ ୦୩ ହଜାର ୪୦୧। ଚଳିତ ନିର୍ବାଚନରେ ୭୫.୫% ମହିଳା ମତାଦାତା ଭୋଟ୍ ଦେଇଛନ୍ତି। ଯାହାକି ପୁରୁଷ ଦେଇଥିବା ଭୋଟରଙ୍କ ସଂଖ୍ୟା ଠାରୁ ୨ ପ୍ରତିଶତ ଅଧିକ ଅଟେ। କିନ୍ତୁ, ଚଳିତ ବିଧାନସଭାରେ ବିଜେପି ପକ୍ଷରୁ ସର୍ବନିମ୍ନ ୧୨, ବିଜେଡି ୩୫ ଏବଂ କଂଗ୍ରେସ ୨୧ ଜଣଙ୍କୁ ଟିକେଟ ଦେଇଥିଲା। ଅର୍ଥାତ୍ କୌଣସି ଦଳ ମଧ୍ୟ ୩୩ ପ୍ରତିଶତ ମହିଳାଙ୍କୁ ନିର୍ବାଚନରେ ଓହ୍ଲାଇନଥିଲା। ଯେଉଁ ମହିଳାମାନଙ୍କୁ ଟିକେଟ ଦିଆଯାଇଥିଲା ସେମାନଙ୍କ ମଧ୍ୟରୁ ଅଧିକାଂଶ ରାଜନେତାଙ୍କ ରାଜନୀତିରେ ସକ୍ରିୟ ନଥିବା ପତ୍ନୀ, ଝିଅ ଏବଂ ମା' ଅଟନ୍ତି।

ଯେଉଁ ମହିଳାମାନେ ନିର୍ବାଚିତ ହୋଇଛନ୍ତି ସେଥିରେ ଅଛନ୍ତି ବିଜେପି ବିଧାୟିକା ରଣପୁରର ସୁରମା ପାଢ଼ୀ, ହିନ୍ଦୋଳର ସୀମାରାଣୀ ନାଏକ, ବାଙ୍ଗିରିପୋଷିର ସଞ୍ଜଲୀ ମୁର୍ମୁ, ବ୍ରହ୍ମଗିରିର ଉପାସନା ମହାପାତ୍ର, ନିମାପଡ଼ାର ପ୍ରଭାତୀ ପରିଡ଼ା, ବିଜେଡି ବିଧାୟିକାଙ୍କ ମଧ୍ୟରେ ଅଛନ୍ତି ପଦମପୁରର ବର୍ଷା ସିଂ ବରିହା, ନର୍ଲାର ମନୋରମା ମହାନ୍ତି, ବସ୍ତାର ସୁବାସିନୀ ଜେନା, ବିଞ୍ଝାରପୁରର ପ୍ରମିଳା ମଲ୍ଲିକ, ଯାଜପୁରର ସୁଜାତା ସାହୁ, କଂଗ୍ରେସ ବିଧାୟିକା ବାରବାଟିରୁ ସୋଫିଆ ଫିରଦୋସ ରହିଛନ୍ତି। ସଞ୍ଜଲି, ସୋଫିଆ, ପ୍ରଭାତୀ, ମନୋରମା, ସୁବାସିନୀ ପ୍ରଥମ କରି ମହିଳା ବିଧାୟିକା ହୋଇଛନ୍ତି। ସଞ୍ଜଲି ୨୦୧୯ର ବିଜେପି ବିଧାୟକ ପ୍ରାର୍ଥୀ ସୁଗଧା ମୁର୍ମୁଙ୍କ ଝିଅ, ସୋଫିଆ ମହମ୍ମଦ ମୋକିମଙ୍କ ଝିଅ, ଉପାସନା ଦିବଙ୍ଗତ କଂଗ୍ରେସ ନେତା ଲୁଲୁ ମହାପାତ୍ରଙ୍କ ଝିଅ, ବର୍ଷା ବିଜୟ ରଞ୍ଜନ ସିଂବରିହାଙ୍କ ଝିଅ, ସୁବାସିନୀ ଜେନା ପୂର୍ବତନ ବାଲେଶ୍ୱର ସାଂସଦ ରବୀନ୍ଦ୍ର ଜେନାଙ୍କ ସ୍ତ୍ରୀ ଅଟନ୍ତି। ଅନ୍ୟଦିଗରେ ଏହି ନିର୍ବାଚନରେ ୨୨ ମହିଳା ପ୍ରାର୍ଥୀ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏଥିରେ ବିଜେଡିର ସର୍ବାଧିକ ନେତ୍ରୀ ଅଛନ୍ତି। ସେହିପରି, ଲୋକସଭାରେ ବିଜେଡି ୭, ବିଜେପି ୪ ଏବଂ କଂଗ୍ରେସ ୨ ଜଣଙ୍କୁ ଟିକେଟ ଦେଇଥିଲା। ଚଳିତ ବର୍ଷ ୨୦ ନିର୍ବାଚିତ ବିଜେପି ସାଂସଦଙ୍କ ମଧ୍ୟରୁ ୪ ମହିଳା ସାଂସଦ ଭୁବନେଶ୍ୱରର ଅପରାଜିତା ଷଡ଼ଙ୍ଗୀ, ବଲାଙ୍ଗୀରର ସଙ୍ଗୀତା ସିଂହଦେଓ, କଳାହାଣ୍ଡିର ମାଳବିକା ଦେବୀ, ଆସିକାର ଅନିତା ଶୁଭଦର୍ଶିନୀ ଅଛନ୍ତି। ପୂର୍ବରୁ ୨୦୦୪ ମସିହାରେ ଜଣେ, ୨୦୦୯ରେ ୦ , ୨୦୧୪ରେ ୩ ଏବଂ ୨୦୧୯ ମସିହାରେ ୭ ଜଣ ମହିଳା ଓଡ଼ିଶାର ସାଂସଦ ହୋଇଥିଲେ। ୨୦୨୩ ମସିହାରେ ଦଳମତ ନିର୍ବିଶେଷରେ ସଂସଦରେ ୩୩ ପ୍ରତିଶତ ମହିଳାଙ୍କୁ ପ୍ରାର୍ଥୀ ପାଇଁ ବିଲ୍ ଅନୁମୋଦିତ ହୋଇଥିଲା। ୨୦୨୯ ସାଧାରଣ ନିର୍ବାଚନରେ ଏହାକୁ କାର୍ଯ୍ୟକାରୀ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଚଳିତ ନିର୍ବାଚନରେ ରାଜନୈତିକ ଦଳଗୁଡ଼ିକ ମହିଳାଙ୍କୁ ଗୁରୁତ୍ୱ ଦେବେ ବୋଲି ଆଶା ରହିଥିଲା। ମାତ୍ର ଏହାର ବିପରୀତ ଚିତ୍ର ଦେଖିବାକୁ ମିଳିଛି।











# କାଳବୈଶାଖୀର ତାଣ୍ଡବ:ଭାଙ୍ଗିଲା ଅନେକ ଘର

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଅଞ୍ଚଳରେ କାଳବୈଶାଖୀର ତାଣ୍ଡବରେ ମାତ୍ର ୧୫ ମିନିଟ୍‌ରେ ଭାଙ୍ଗିଲା ଏକାଧିକ ଗଛ । କିଛି ସମୟ ପାଇଁ ରାଇଘର ଠାରୁ ଯାଉଥିବା ଉମରକୋଟ ମୁଖ୍ୟ ରାସ୍ତାରେ ଯାଉଥିବା ଗାଡି ତଥା ଯାତ୍ରୀମାନେ ପ୍ରଭାବିତ ହୋଇଥିଲେ । ବିଦ୍ୟୁତ୍ ତାର ଉପରେ ବଡ଼ ବଡ଼ ଗଛମାନ ପଡିଯିବାରୁ ସମ୍ପୂର୍ଣ୍ଣ ବ୍ଲକର ୨୬ଟି ପଞ୍ଚାୟତର ବିଦ୍ୟୁତ୍ ସରବରାହ ଠପ୍ ହୋଇଯାଇଥିଲା । ସ୍ଥାନୀୟ ଅଗ୍ନିଶମ ବିଭାଗ କର୍ମଚାରୀ ଖବରପାଇ ଯୁଦ୍ଧକାଳୀନ ଭିତ୍ତିରେ ଗଛଗୁଡ଼ିକ କାଟି ରାସ୍ତା ସଫା କରିବା ସହ ବିଦ୍ୟୁତ ବିଭାଗ କର୍ମଚାରୀ ମାନଙ୍କୁ ମଧ୍ୟ ସହଯୋଗ କରିଥିଲେ । ରାସ୍ତାରେ ଗଛ ପଡିବା କାରଣରୁ ଯାତ୍ରୀବାହୀ ବସ୍ ଗୁଡିକ ବହୁ ସମୟ ଧରି ରାସ୍ତା ଉପରେ ଠିଆ ହେବାରୁ ଟ୍ରାଫିକ୍ ସମସ୍ୟା ଦେଖାଦେଇଥିଲା । ଏଥିସହ କାଚରାପାରା ଯିବା ରାସ୍ତା ମଧ୍ୟ ଅବରୋଧ ଥିବା ଦେଖିବାକୁ ମିଳିଥିଲା । ସେହିପରି ବୋବେଇ ପଞ୍ଚାୟତରେ ତିନୋଟି ଘରର ଛାତ ସମ୍ପୂର୍ଣ୍ଣ ଉଡିଯାଇଥିବା ଖବର ମିଳିଛି ।

# ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ, ୧୧ବର୍ଷ ଧରି ଓଡ଼ିଶା ଅନୁଦାନରୁ ବଞ୍ଚିତ

**କଟକ, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡ଼ିକର ଉନ୍ନତି ପାଇଁ କେନ୍ଦ୍ର ସରକାର ଦ୍ୱାରା ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ (ପିଏମ-ଉଷା) ଆରମ୍ଭ ହୋଇଛି । ମାତ୍ର ଏହି ଅଭିଯାନରେ ମିଳୁଥିବା ଅନୁଦାନରୁ ଓଡ଼ିଶା ବଞ୍ଚିତ ହେଉଛି । ଦୀର୍ଘ ୧୧ ବର୍ଷ ଧରି ଦେଶର ଅନ୍ୟ ରାଜ୍ୟ ଗୁଡିକର ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡିକ କୋଟି କୋଟି ଟଙ୍କା ଅନୁଦାନ ପାଉଥିଲେ ମଧ୍ୟ ଓଡ଼ିଶାର କୌଣସି ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ଅନୁଦାନ ଅର୍ଥ ପାଇପାରିନାହାନ୍ତି । ଏଥିପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ସହ ବୁଝାମଣା ପତ୍ର ସ୍ୱାକ୍ଷର ହୋଇପାରିନାହିଁ । ୨୦୧୩ ମସିହାରେ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ (ରୁସା) ଆରମ୍ଭ ହୋଇଥିଲା ଦୁଇଟି ପର୍ଯ୍ୟାୟରେ ଏହା କାର୍ଯ୍ୟକାରୀ କରାଯାଇଥିଲା । ନିକଟ ଅତୀତରେ ଏହାର ନାମ ପରିବର୍ତ୍ତନ କରାଯାଇ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ (ପିଏମ- ଉଷା) ଭାବେ କାର୍ଯ୍ୟକାରୀ କରାଯାଇଛି । ଏହି ଅଭିଯାନ ମାଧ୍ୟମରେ ବିଭିନ୍ନ ରାଜ୍ୟରେ ଉଚ୍ଚ ଶିକ୍ଷା ବ୍ୟବସ୍ଥାକୁ ଅଧିକ ଉନ୍ନତ, ଦକ୍ଷ, ପାରଦର୍ଶୀ କରିବା ଲକ୍ଷ୍ୟ ରଖାଯାଇଛି । ଏହାବାଦ୍ ଉଚ୍ଚଶିକ୍ଷା ପରେ କର୍ମନିଯୁକ୍ତି ସମ୍ଭାବନାକୁ ବୃଦ୍ଧି କରିବା ପାଇଁ ବଜାର ଓ ଶିଳ୍ପର ଚାହିଦା ଅନୁଯାୟୀ ପାଠ୍ୟକ୍ରମ ଖୋଲିବା, ଦକ୍ଷତାଭିତ୍ତିକ କାର୍ଯ୍ୟକ୍ରମ, ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗକୁ ମଧ୍ୟ ଏହି ଅଭିଯାନରେ ଗୁରୁତ୍ୱ ଦିଆଯାଇଛି । ସବୁ ପାଇଁ ଆବଶ୍ୟକ ଅର୍ଥ ବିଭିନ୍ନ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ଗୁଡିକୁ ଯୋଗାଇ ଦିଆଯିବା ବ୍ୟବସ୍ଥା ରହିଛି । ଯେଉଁ ଅଞ୍ଚଳରେ ଉଚ୍ଚଶିକ୍ଷା ଅନୁଷ୍ଠାନ ନଥିବ, ସେହି ଅଞ୍ଚଳରେ ଉଚ୍ଚ ଶିକ୍ଷାର ବିକାଶ ପାଇଁ ବ୍ୟୟବରାଦକୁ ଅଗ୍ରାଧିକାର ଦିଆଯିବ । ପିଏମ ଉଷାରୁ ଉପକୃତ ହେବା ପାଇଁ କିଛି ନିର୍ଦ୍ଦିଷ୍ଟ ମାର୍ଗଦର୍ଶିକା ରହିଛି । ବିଶେଷ କରି ପ୍ରଥମେ ରାଜ୍ୟ ସରକାର ବା ରାଜ୍ୟର ଉଚ୍ଚ ଶିକ୍ଷା ପରିଷଦକୁ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିବାକୁ ହେବ । ଏହାପରେ ସମ୍ପୃକ୍ତ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ଗୁଡ଼ିକୁ ଅନୁଦାନ ମିଳିପାରିବ । ଏହା ମଧ୍ୟରେ ଆନ୍ଧ୍ର ପ୍ରଦେଶ, କେରଳ, ତାମିଲନାଡୁ, ପଶ୍ଚିମବଙ୍ଗ, ଉତ୍ତର ପ୍ରଦେଶ, ଅରୁଣାଚଳ ପ୍ରଦେଶ, ହିମାଚଳ ପ୍ରଦେଶ ଓ ତ୍ରିପୁରା ଭଳି ରାଜ୍ୟ ଏହି ଅଭିଯାନ ବା ଯୋଜନାରୁ ଆର୍ଥିକ ଅନୁଦାନ ପାଉଛନ୍ତି । କିନ୍ତୁ ଓଡ଼ିଶା ଏ ପର୍ଯ୍ୟନ୍ତ ଓଡ଼ିଶା କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ସହିତ ଏମଓୟୁ କରିନାହିଁ । ଯାହା ଫଳରେ ବାର୍ଷିକ ଯେଉଁ ଅନୁଦାନ ଓଡ଼ିଶାର ଉଚ୍ଚ ଶିକ୍ଷା ଅନୁଷ୍ଠାନର ଉନ୍ନତି ପାଇଁ ମିଳିପାରନ୍ତା, ସେଥିରୁ ଓଡ଼ିଶା ବଞ୍ଚିତ ହେଉଛି । ପୂର୍ବରୁ ମଧ୍ୟ ତତ୍କାଳୀନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଏହି କେନ୍ଦ୍ରୀୟ ଯୋଜନାକୁ ଲାଗୁ କରିବାକୁ ପାଇଁ ଚିଠି କରିଥିଲେ । ମାତ୍ର କୌଣସି କାରଣ ବଶତଃ ଆଜି ପର୍ଯ୍ୟନ୍ତ ଏହା ଓଡ଼ିଶାରେ ଲାଗୁ ହୋଇପାରିନାହିଁ । ରାଜ୍ୟର ରେଭେନ୍ସା ବିଶ୍ୱବିଦ୍ୟାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ, ଫକୀର ମୋହନ ବିଶ୍ୱବିଦ୍ୟାଳୟ ଭଳି ରାଜ୍ୟ ଅନ୍ୟ ପ୍ରମୁଖ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ନାକ୍ ଦ୍ୱାରା ଭଲ ଗ୍ରେଡ ପାଇଥିଲେ ସୁଦ୍ଧା ଅନୁଦାନ ପାଇପାରୁନାହାନ୍ତି । ୨୦୨୬ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ପିଏମ ଉଷା କାର୍ଯ୍ୟକ୍ଷମ ରହିବ । ଏଥିରେ ୧୨ ହଜାର ୯୨୬ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । କେନ୍ଦ୍ର ଶିକ୍ଷାମନ୍ତ୍ରଣାଳୟ ସହ ବୁଝାମଣାପତ୍ର ସ୍ୱାକ୍ଷର କଲେ ଓଡ଼ିଶାର ଶିକ୍ଷାନୁଷ୍ଠାନ ଗୁଡିକ ଅନୁଦାନ ପାଇପାରନ୍ତେ ବୋଲି ଶିକ୍ଷାବିତ୍‌ମାନେ ମତ ଦେଇଛନ୍ତି ।

# ପୁରୀରେ ବାଣ ଫୁଟା ଉପରେ କଟକଣା

**ପୁରୀ, ନ୍ୟୁଜ୍ ବ୍ୟୁରୋ**

ପବିତ୍ର ଶୀତଳଷଷ୍ଠୀ ଅବସରରେ ପୁରୀର ବିଭିନ୍ନ ଶିବ ମନ୍ଦିର ମାନଙ୍କରେ ବାଣ ଫୁଟା ଉପରେ ୧୪୪ ଧାରା ଜାରି କରାଯାଇଛି । ଉପଜିଲ୍ଲାପାଳ ତଥା ଉପଖଣ୍ଡ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କୁ ପ୍ରଦାନ କରାଯାଇଥିବା ପାୱାର ଆଧାରରେ ଉପଜିଲ୍ଲାପାଳ ଗୋପୀନାଥ କୁଅଁର ଏହି ପ୍ରତିବନ୍ଧକ ଲାଗୁ କରିଛନ୍ତି । ପୁରୀର ଜମ୍ବେଶ୍ୱର ମନ୍ଦିର, ଶ୍ରୀ ଲୋକନାଥ ଦେବ ମନ୍ଦିର, ଶ୍ରୀ ମାର୍କଣ୍ଡେଶ୍ୱର ମନ୍ଦିର, ଶ୍ରୀ କପାଳଲୋଚନ ମନ୍ଦିର, ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବ ମନ୍ଦିର, ଶ୍ରୀ ଶଙ୍କରେଶ୍ୱର ମନ୍ଦିର, ଓମକାରେଶ୍ୱର ମନ୍ଦିର ଏବଂ ପୁରୀ ଓ ବୀର ହରେକୃଷ୍ଣପୁର ସ୍ଥିତ ବାନାମ୍ବର ମନ୍ଦିର ପରିସରରେ ଚଳିତ ମାସ ୧୨ ତାରିଖ ଅପରାହ୍ନ ୬ ଘଟିକା ଠାରୁ ୧୪ ତାରିଖ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ୧୪୪ ଧାରା ବଳବତ୍ତର ରହିବ । ସାଧାରଣ ଲୋକଙ୍କ ସ୍ୱାର୍ଥ ଓ ସୁରକ୍ଷା ଦୃଷ୍ଟିରୁ କୌଣସି ବାଣ ଫୁଟା ଯାଇପାରିବନାହିଁ ବୋଲି ଉପଜିଲ୍ଲାପାଳ ଆଦେଶ କରିଛନ୍ତି ।

# ସୋଆରେ ଅଟୋଲାରିନ୍‌ଗୋଲୋଜିଷ୍ଟସ ଅଫ୍ ଇଣ୍ଡିଆ ସଂଘ ଭୁବନେଶ୍ୱର ଶାଖାର ୩ଦିନିଆ ସମ୍ମିଳନୀ




**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପ୍ରତ୍ୟେକ ସର୍ଜନ୍ ଜାଣିଥାନ୍ତି ତାଙ୍କ ରୋଗୀର କେବେ ସର୍ଜରୀ କରାଯିବା ଆବଶ୍ୟକ । ତେବେ କେବେ ସର୍ଜରୀ କରାଯିବା ଆବଶ୍ୟକ ନୁହେଁ ତାହା ଜାଣିବା ପାଇଁ ସାରା ଜୀବନ ଲାଗିଯାଏ ବୋଲି କହିଛନ୍ତି ବିଶିଷ୍ଟ ଅଟୋଲାରିନ୍‌ଗୋଲୋଜିଷ୍ଟ ପ୍ରଫେସର (ଡାକ୍ତର) ରବି ରାମଲିଙ୍ଗମ୍ । ଅଧିକାଂଶ ସର୍ଜନ୍ ଜାଣିଥାନ୍ତି ରୋଗୀର କେତେବେଳେ ସର୍ଜରୀର ଆବଶ୍ୟକତା ଅଛି । କିନ୍ତୁ କେତେବେଳେ ଏହା କରାଯିବ ଉଚିତ୍ ନୁହେଁ, ବିଶେଷ କରି ଇଏନ୍‌ଟି କ୍ଷେତ୍ରରେ ତାହା ଜାଣିବା ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି ଚେନ୍ନାଇ ସ୍ଥିତ କେକେଆର୍ ଇଏନ୍‌ଟି ହସ୍ପିଟାଲ୍‌ସ ଆଣ୍ଡ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ର ପରିଚାଳନା ନିର୍ଦ୍ଦେଶକ ପ୍ରଫେସର ରାମଲିଙ୍ଗମ୍ । ଶିକ୍ଷା ଓ ଅନୁସନ୍ଧାନ (ସୋଆ)ରେ ଆୟୋଜିତ ଅଟୋଲାରିନ୍ ଗୋଲୋଜିଷ୍ଟସ୍ ଅଫ୍ ଇଣ୍ଡିଆ ସଂଘ ଭୁବନେଶ୍ୱର ଶାଖାର ୩ ଦିନିଆ ସମ୍ମିଳନୀର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇ ଏହା କହିଛନ୍ତି ପ୍ରଫେସର ରାମଲିଙ୍ଗମ୍ । କାର୍ଯ୍ୟକ୍ରମରେ ମୁମ୍ବାଇର ବିଶିଷ୍ଟ ଓଟୋହିନୋଲାରିନ୍‌ଗୋଲୋଜିଷ୍ଟ ଡାକ୍ତର ବିକାଶ ଅଗ୍ରୱାଲ୍ ଏବଂ ବିଶାଖାପାଟନମ୍‌ର ଇଏନ୍‌ଟି ସ୍ପେଶିଆଲିଷ୍ଟ ଡାକ୍ତର କ୍ରିଷ୍ଣା କିଶୋର ମଧ୍ୟ ବକ୍ତବ୍ୟ ରଖିଥିଲେ । ତିନି ଦିନିଆ ସମ୍ମିଳନୀରେ ଶୁକ୍ରବାର ଠାରୁ ଲାଇଭ୍ ସର୍ଜରୀ ଡେମୋନ୍‌ଷ୍ଟ୍ରେସନ୍ ଏବଂ ବିଶେଷଜ୍ଞଙ୍କ ସନ୍ଦର୍ଭ କାର୍ଯ୍ୟକ୍ରମ ମଧ୍ୟ ରଖାଯାଇଥିଲା । ଏହି ସମ୍ମିଳନୀଟି ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ଓ ସମ୍ ଅଲ୍ଟିମେଟ୍ ମେଡିକେୟାର ପକ୍ଷରୁ ମିଳିତ ଭାବେ ଆୟୋଜନ କରାଯାଇଥିଲା । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମ୍ ଅଲ୍ଟିମେଟ୍ ମେଡିକେୟାରର ଚିଫ୍ ଅଫ୍ ମେଡିକାଲ୍ ସର୍ଭିସେସ୍ ବ୍ରିଗେଡିୟର (ଡାକ୍ତର) ବିରାଜ ମୋହନ ମିଶ୍ର, ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର, ଅଟୋଲାରିନ୍‌ଗୋଲୋଜିଷ୍ଟସ ଅଫ୍ ଇଣ୍ଡିଆ ସଂଘ ଭୁବନେଶ୍ୱର ଶାଖାର ସଭାପତି ପ୍ରଫେସର (ଡାକ୍ତର) ଦେବବ୍ରତ ପାଣିଗ୍ରାହୀ ଏବଂ ସମ୍ପାଦକ ପ୍ରଫେସର (ଡାକ୍ତର) କବିକାନ୍ତ ସାମନ୍ତରାୟ ବକ୍ତବ୍ୟ ରଖିଥିଲେ । ସମ୍ମିଳନୀର ଅର୍ଗାନାଇଜିଂ ଚେୟାରମ୍ୟାନ୍ ପ୍ରଫେସର (ଡାକ୍ତର) ସୌମ୍ୟରଞ୍ଜନ ଦାଶ ଏବଂ ଅର୍ଗାନାଇଜିଂ ସେକ୍ରେଟାରୀ ଡାକ୍ତର ରାଧାମାଧବ ସାହୁ ମଧ୍ୟ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ଡାକ୍ତର ବିରଜାଲକ୍ଷ୍ମୀ ଆଚାର୍ଯ୍ୟଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ ପ୍ରଦାନ କରାଯାଇଥିଲା ।

# ପ୍ରେମ ସମ୍ପର୍କକୁ ନେଇ ଯୁବତୀଙ୍କୁ ହତ୍ୟା



**ବିଷମ କଟକ, ନ୍ୟୁଜ୍ ବ୍ୟୁରୋ**

ପ୍ରେମ ସମ୍ପର୍କକୁ ନେଇ ଯୁବତୀଙ୍କୁ ଘରୁଡାକି ନେଇ ହତ୍ୟା କରାଯାଇଛି । ଏହିପରି ଘଟଣା ଘଟିଛି ରାୟଗଡ଼ା ଜିଲ୍ଲା ବିଷମ କଟକ ସଦର ଥାନାରେ । ହତ୍ୟା କରିବା ପରେ ଗୁଣପୁର ଥାନାରେ ଆତ୍ମସମର୍ପଣ କରିଛି ଅଭିଯୁକ୍ତ । ଅପରାହ୍ନ ସମୟରେ ଯୁବତୀଙ୍କୁ ଫୋନ୍ କରି ଡାକିଥିଲେ ଯୁବକ । ପରେ ତାଙ୍କୁ ହତ୍ୟାକରି ବିଷମକଟକ ଥାନା ଅନ୍ତର୍ଗତ କିରିବିରି ଛକ ନିକଟସ୍ଥ ଜଙ୍ଗଲରେ ଫିଙ୍ଗିଦେଇ ଗୁଣୁପୁର ଥାନାରେ ଆତ୍ମ ସମର୍ପଣ କରିଥିବା ପରିବାର ତରଫରୁ ଅଭିଯୋଗ ହୋଇଛି । ଯୁବତୀ ଜଣଙ୍କ ବିଷମକଟକ ଥାନା ବ୍ଲକ କଲୋନୀର ନିତୁ ନାଉରି ବଲି ଜଣାପଡ଼ିଛି । ଦୀର୍ଘଦିନ ହେବ ଯୁବକଜଣକ ଯୁବତୀଙ୍କୁ ପ୍ରେମ କରୁଛି ଓ ବାହାହେବାକୁ ଚାହୁଁଛି କହି ଯୁବତୀଙ୍କ ଘରକୁ ଯିବା ଆସିବା କରୁଥିଲେ । ପରେ ଯୁବତୀଙ୍କ ପରିବାର ମନା କରିଦେବାରୁ ଯୁବତୀଙ୍କୁ ଫୋନ୍ ମାଧ୍ୟମରେ ଡାକି ଏଭଳି ଘଟଣା ଘଟେଇଥିବା ପରିବାର ଲୋକେ କହିଛନ୍ତି । ଯୁବକ ଜଣକ ଗୁଣୁପୁର ମରାଠିଗୁଡାର ମାନୁଆଲ ସବର ବୋଲି ଜଣାପଡିଛି । ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ପକ୍ରିୟାକୁ ଆରମ୍ଭ କରିବା ସହ ସାଇଣ୍ଟିଫିକ୍ ଟିମ୍ ପହଞ୍ଚିଲା ପରେ ଘଟଣାର ସତ୍ୟାସତ୍ୟ ପଦାକୁ ଆସିବ ବୋଲି ପୋଲିସ କହିଛି । ସେପଟେ ତଦନ୍ତକରି ଅଭିଯୁକ୍ତଙ୍କୁ କୋଠର ଦଣ୍ଡ ଦେବାପାଇଁ ପରିବାର ତରଫରୁ ଦାବି ହୋଇଛି । ଝିଅ ପରିବାରର ରୋଜଗାରିଆ ହେଇଥିବା ବେଳେ ନିଜ ଭାଇକୁ କଲେଜରେ ପାଠ ପଢ଼ାଉଥିଲେ । ପିଲାଟି ଦିନରୁ ତାଙ୍କ ବାପା ମଧ୍ୟ ନାହାନ୍ତ । ସେଥିପାଇଁ ଗ୍ରାମବାସୀ ଦୋଷୀକୁ ଉପଯୁକ୍ତ ଦଣ୍ଡ ଦେବା ପାଇଁ ପୋଲିସ ପ୍ରଶାସନୁ ନିବେଦନ କରିଛନ୍ତି ।

# ବିନିକା ବ୍ଲକ ଅବକାରୀ ବିଭାଗକୁ ବଡ଼ ସଫଳତା

## ୧କ୍ୱିଣ୍ଟାଲ ୪୦ କେଜି ଗଞ୍ଜେଇ ସହ ଏକ ଟ୍ରକ୍ ଜବତ



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ବିନିକା ଅବକାରୀ ବିଭାଗ ପକ୍ଷରୁ ପାଟ୍ରୋଲିଂ କରୁଥିବା ସମୟରେ ଏକ ଟ୍ରକ୍‌ରୁ ବିପୁଳ ପରିମାଣର ବେଆଇନ୍ ଗଞ୍ଜେଇ ଜବତ କରିବା ସହ ଜଣେ ବ୍ୟକ୍ତିକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନା ଅନୁସାରେ ପ୍ରକାଶ ଯେ, ଅବକାରୀ ବିଭାଗ କର୍ମଚାରୀ ବିନିକା ଅଞ୍ଚଳରେ ଦିନ ୧୧ଟା ସମୟରେ ପାଟ୍ରୋଲିଂ କରୁଥିଲେ । ଇଚର-୩୦୧୯ ଟ୍ରକ୍‌ରେ ବିପୁଳ ପରିମାଣର ଗଞ୍ଜେଇ ଚାଲାଣ ହେଉଥିବା ଖବରପାଇ ବିନିକା ଅବକାରୀ ଇନ୍ସପେକ୍ଟର ବଳବୀର ଗଡ଼ନାୟକଙ୍କ ନେତୃତ୍ୱରେ ଗଠିତ ଟିମ୍ ବିନିକା ବ୍ଲକ ବିଶାଳପାଲି ଛକ ନିକଟରେ ଛକି ରହିଥିଲେ । ଏହି ସମୟରେ ଷ୍ଟିଲ୍ ପ୍ଲେଟ୍ ବୋଝେଇ ଟ୍ରକ୍ ସନ୍ଦେହଜନକ ଅବସ୍ଥାରେ ଯାଉଥିବା ବେଳେ ଟ୍ରକ୍‌କୁ ଅଟକାଇ ଯାଞ୍ଚ କରିଥିଲେ । ଯାଞ୍ଚ ସମୟରେ ଟ୍ରକ୍‌ରୁ ୧ କ୍ୱିଣ୍ଟାଲ ୪୦ କେଜି ଗଞ୍ଜେଇ ଜବତ ହୋଇଥିଲା । ଅବକାରୀ ବିଭାଗ ଏହି ଘଟଣାରେ ସମ୍ପୃକ୍ତ ରାଜସ୍ଥାନ ବାରମେର ଜିଲ୍ଲା ସିନ୍ଧାରୀ ଥାନା ଅନ୍ତର୍ଗତ ତାକବେରୀ ଗ୍ରାମର କ୍ଷେମା ରାମ (୩୪)କୁ ଗିରଫ କରିବା ସହ ଟ୍ରକ୍‌ରେ ଥିବା ଗଞ୍ଜେଇ ଓ ପ୍ରାୟ ୧୦ ଟନ୍ ଓଜନର ୧୦ ଖଣ୍ଡ ଲୁହା ପ୍ଲେଟ୍ ଜବତ କରାଯାଇଛି । ଏଥିରେ ବିନିକା ଅବକାରୀ ବିଭାଗର ଟିମ୍‌କୁ ବଡ ସଫଳତା ମିଳିଛି । ଷ୍ଟିଲ ପ୍ଲେଟ୍ ବୋଝେଇ ଟ୍ରକ୍‌ରୁ ବିପୁଳ ପରିମାଣର ଗଞ୍ଜେଇ ଜବତ ସହ କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦେଇଛନ୍ତି ଅଧିକାରୀ ।

# ବିଶ୍ୱଦେବ ସମାଜ ଓଡ଼ିଶା ଶାଖା ଆନୁକୂଲ୍ୟରେ ପଞ୍ଚ ମହାଯଜ୍ଞ

**ସାଲେପୁର, ନ୍ୟୁଜ୍**

ମହାନଦୀ ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳ ଗୋପୀନାଥ ପୁର ମା' ତାରିଣୀଙ୍କ ପୀଠରେ ବିଶ୍ୱଦେବ ସମାଜ ଓଡ଼ିଶା ଶାଖା ଆନୁକୂଲ୍ୟରେ ପଞ୍ଚ ମହାଯଜ୍ଞ ଅନୁଷ୍ଠିତ ହେଉଛି । ଏହି ଧାର୍ମିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ନିରାକାର ପରଂବ୍ରହ୍ମ ଅଦୃଶ୍ୟ ଶକ୍ତିଙ୍କ ସାନିଧ ଲାଭ ଉଦ୍ଦେଶ୍ୟରେ ପଞ୍ଚ ମହାଯଜ୍ଞ ଅନୁଷ୍ଠିତ ହେଉଛି । ଏଥିରେ ଘୃତ ଯଜ୍ଞ, ନାମ ଯଜ୍ଞ, ପିତୃ ଯଜ୍ଞ, ଜ୍ଞାନ ଯଜ୍ଞ ଓ ଅନ୍ନ ଯଜ୍ଞ ଅନୁଷ୍ଠିତ ହେଉଛି । କାର୍ଯ୍ୟକ୍ରମରେ ବିଶିଷ୍ଟ ଆଧ୍ୟାତ୍ମିକ ପ୍ରବକ୍ତା ଓ ପଣ୍ଡିତ ବର୍ଗ ପିତୃ ମାତୃ ପୂଜନ ହିଁ ପ୍ରକୃତ ମାର୍ଗ ଦର୍ଶନ ବୋଲି ବକ୍ତବ୍ୟ ରଖିଥିଲେ । ଯଜ୍ଞାନୁଷ୍ଠାନରେ ଦିବ୍ୟଲୋକ ସନ୍ଧାନେର ସମ୍ପାଦକ ପଣ୍ଡିତ ସନ୍ୟାସୀ ଜୀ, ଦେବକନ୍ୟା ଅରୁନ୍ଧତୀ, ପଣ୍ଡିତ ଶିଶିର କୁମାର ତ୍ରିପାଠୀ, ଅଧ୍ୟାପକ ଦେବପୁତ୍ର ନିରଞ୍ଜନ ସାମଲ, କର୍ମକାଣ୍ଡବିତ ପ୍ରଦୀପ୍ତ କୁମାର ପଣ୍ଡା ଓ ଅମରେନ୍ଦ୍ର ପଣ୍ଡା, ଦେବପୁତ୍ର ମନୋଜ ପଣ୍ଡା, ଦେବକନ୍ୟା ସଞ୍ଜୁବାଳା ପଣ୍ଡା, ସମ୍ପାଦନ କରିଥିଲେ । ବିଶ୍ୱଦେବ ସମାଜ ଅନ୍ତର୍ଜାତୀୟ ସଭାପତି କଳା ଭୂଷଣ ପ୍ରଶାନ୍ତ କର କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ ।






# ଶିବ ପାର୍ବତୀ ବିବାହ ପରେ ଦେବ ଦମ୍ପତିଙ୍କ ନଗର ପରିକ୍ରମା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌରାଞ୍ଚଳର ଗୋପ ଗ୍ରାମ ସ୍ଥିତ ପ୍ରସିଦ୍ଧ ଶୈବ ପୀଠ ଅମରେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଶୀତଳ ଷଷ୍ଠୀ ଶିବ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶିବ ବିବାହ ଉପଲକ୍ଷେ ଶନିବାର ଠାରୁ ରୁଦ୍ର ଯଜ୍ଞ ପାଇଁ ଅଙ୍କୁରା ରୋପଣ ପୂଜାପାଠ କରାଯାଇଥିଲା । ରବିବାର, ସୋମବାର ଓ ମଙ୍ଗଳବାର ୩ ଦିନ ଧରି ରୁଦ୍ର ଯଜ୍ଞ, ଚଣ୍ଡୀ ଯଜ୍ଞ, ଗୁରୁ ସୂର୍ଯ୍ୟ ପୂଜା ପରେ ଶିବ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ଯଜ୍ଞ କର୍ତ୍ତା ଭାବେ ଭାଗିରଥୀ ସାହୁ ଓ ସ୍ମୃତିରେଖା ସାହୁ କାର୍ଯ୍ୟ ପରିଚାଳନା କରିଥିବା ବେଳେ ବିବାହ ଉତ୍ସବ ପ୍ରକାଶ ପରିଡା କନ୍ୟାଦାନ କରିଥିଲେ । ତେବେ ଯଜ୍ଞ ପୂର୍ଣ୍ଣାହୂତି ପରେ ଏକ ସୁସଜ୍ଜିତ କାଷ୍ଠ ବୃଷଭ ଉପରେ ବିମାନରେ ଦେବ ଦମ୍ପତି ଶିବ ପାର୍ବତୀଙ୍କ ଚଳନ୍ତି ବିଗ୍ରହଙ୍କୁ ସ୍ଥାପନ କରାଯାଇ ନଗର ପରିକ୍ରମା କରାଯାଇଥିଲା । ଏହି ଶୋଭାଯାତ୍ରା ଅମରେଶ୍ୱରଙ୍କ ପୀଠରୁ ବାହାରି କେଶପୁର ବଜାର, ମୀରପାଟଣା, କାକଟ ଛକ ଦେଇ ପୁରୁଣା ବସ୍‌ଷ୍ଟାଣ୍ଡ ବାଟେ ଇଛାପୁର ସ୍ଥିତ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ନିକଟକୁ ଯାଇଥିଲା । ସେଠାରେ ହରିହର ଭେଟ ପରେ ଦେବ ଦମ୍ପତିଙ୍କ ଶୋଭାଯାତ୍ରା ବିଳମ୍ବିତ ରାତିରେ ଅମରେଶ୍ୱର ପୀଠକୁ ପତ୍ୟାବର୍ତ୍ତନ କରିଥିଲା । ଏହି ଶୋଭାଯାତ୍ରାକୁ ହିମାଂଶୁ ପଣ୍ଡା, ସମୀର ଚାନ୍ଦ, ପ୍ରଶାନ୍ତ ନାୟକ, ଚକ୍ରଧର ସାହୁ, ଜୟାଂସୁ ପଣ୍ଡା, ପ୍ରତାପ ଚନ୍ଦ୍ର ଦାସ ପ୍ରମୁଖ ପରିଚାଳନା କରିଥିଲେ ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ଲ/ବୃ/ବୁ/ର, ୨/ଶୁ | ୧୨ମ | ରା/୧, ୧୦/ଶ |
| ୩ | ୧୧ / ୫ | ୯ |
| ୪ଚ, ୫/କେ | ୬ | ୮, ୭ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୧୩।୬।୨୦୨୪, ଜ୍ୟେଷ୍ଠ ଦି୩୧ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୦୫।୦୭।୪୧** **ଚନ୍ଦ୍ରୋଦୟ- ଦିଘ ୧୧।୦୨।୦୮**

ସପ୍ତମୀ- ରାଘ ୯।୩୪ ପର୍ଯ୍ୟନ୍ତ । ପୂର୍ବାଫାଲ୍ଗୁନି ନକ୍ଷତ୍ର- ନିଘ ୫।୦୮ ପର୍ଯ୍ୟନ୍ତ । ସିଂହ ଚନ୍ଦ୍ର- ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର-** କର୍କଟ ଓ ମକର ରାଶିର । **ଶ୍ରାର୍ଦ୍ଧଣ୍ଡୟ-** ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧା ଖାଦ୍ୟ-** ତାଳ ରାଘ ୯।୩୪ ପରେ ନଡ଼ିଆ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାତଃ ଘ ୫।୧୧ ଗତେ ଘ ୬।୦୪ ମଧ୍ୟେ । ଦିଘ ୯।୩୫ ଗତେ ଘ ୧୧।୨୦ ମଧ୍ୟେ । **ପର୍ବୋତ୍ସବ-** ସଜବାଜ ।

**ମେଷ:** ବ୍ୟବସାୟରେ କ୍ଷତି ଘଟିପାରେ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହୋଇପାରେ । ମାନସିକ ଅଶାନ୍ତି ଦୂର ହେବ । ଅଧିକ ଭ୍ରମଣ କରି ଶାରୀରିକ ପୀଡ଼ା ଦେଖାଦେଇପାରେ । ଘରେ ଦ୍ୱନ୍ଦ୍ୱ ଦେଖାଦେଇପାରେ ।

**ବୃଷ:** ଭ୍ରମଣ ଯୋଗ ମଧ୍ୟ ରହିଛି । ଶତ୍ରୁ ନାଶ ହେବେ । ସାମାଜିକ ସ୍ତରରେ ସମ୍ମାନିତ ହେବେ । ରୋଜଗାର ଭଲ ହେବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ପରୋପକାରୀ ହେବେ । ମନ ଭଲ ରହିବ ।

**ମିଥୁନ:** କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ବିବାଦୀୟ କ୍ଷେତ୍ରରେ ବିଜୟ ହାସଲ କରିବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ମହିଳାମାନେ ଚିନ୍ତାର୍ଥୀ ହେବେ । ପରୋପକାରୀ ହେବେ ।

**କର୍କଟ:** ଶତ୍ରୁଙ୍କ ଠାରୁ ସତର୍କ ରହିବେ । ବ୍ୟବସାୟ ମଧ୍ୟମ ଧରଣର ହେବ । ଖର୍ଚ୍ଚର ପରିମାଣ ବଢ଼ିବ । ପିଲାଙ୍କ ପାଇଁ ଚିନ୍ତିତ ରହିବେ । ପାରିବାରିକ ଅସନ୍ତୋଷ ଦେଖାଦେବ । ଅଯଥାରେ ଦୂରକୁ ଯାତ୍ରା କରିବାକୁ ପଡ଼ିପାରେ ।

**ସିଂହ:** ଆଜି ଦିନଟି ଭଲରେ କଟିବ । ପରିଶ୍ରମ ଅଧିକ କରିବାକୁ ପଡ଼ିପାରେ । ନୂତନ ଯାନବାହାନ କ୍ରୟ କରିପାରନ୍ତି । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖ ଶାନ୍ତିରେ ବିତିବ । ଦେହ ଭଲ ରହିବ ।

**କନ୍ୟା:** ସାଧନାରେ ସିଦ୍ଧି ଲାଭ କରିବେ । ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିବେ । ବ୍ୟୟ ଯୋଗ ମଧ୍ୟ ରହିଛି । ଦୂରଯାତ୍ରା ମଧ୍ୟ କରିପାରନ୍ତି । ପାରିବାରିକ ଜୀବନ ସୁଖମୟ ହେବ । ସମ୍ମାନିତ ହେବାର ସୂଚନା ।

**ତୁଳା:** କର୍ମକ୍ଷେତ୍ରରେ ସଫଳତା ଦେଖାଦେବ । ଧନ ଲାଭର ସୁଯୋଗ ମଧ୍ୟ ରହିଛି । ପାରିବାରିକ ଜୀବନ ସୁଖମୟ ହେବ । ଖୋଜୁଥିବା ଜିନିଷ ହଠାତ୍ ପାଇପାରନ୍ତି । ମହିଳାମାନେ ସୁଖୀ ହେବେ ।

**ବିଛା:** ଶୁଭ କାର୍ଯ୍ୟ ନିମନ୍ତେ ଯାତ୍ରା କରିପାରନ୍ତି । କଚେରି ମାମଲାରେ ବିଜୟ ହାସଲ କରିବେ । ଆର୍ଥିକ ପରିସ୍ଥିତି ଦୃଢ଼ ରହିବ । ଦୂରଯାତ୍ରା କରିପାରନ୍ତି । ପାରିବାରିକ ଶାନ୍ତି ଅକ୍ଷୁର୍ଣ୍ଣ ରହିବାର ସୂଚନା ।

**ଧନୁ:** ଶରୀର ସୁସ୍ଥ ରହିବ । ଶୁଭ କାର୍ଯ୍ୟ ନିମନ୍ତେ ଦିନଟି ଭଲ । ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ । ରୋଜଗାର ଭଲ ହେବ । ଗୃହେ ଆନନ୍ଦ ଦେଖାଦେବାର ସୂଚନା । ଦୟାଳୁ ହେବେ । ଉତ୍ତମ ଭୋଜନ ମଧ୍ୟ କରିପାରନ୍ତି ।

**ମକର:** ଆଜି ଟିକେ ସାବଧାନ ସହକାରେ ଚଳିବେ । ଶତ୍ରୁଙ୍କ ଠାରୁ ଦୂରେଇ ରହିବା ଭଲ । ସାମାଜିକ ସ୍ତରରେ ସମ୍ମାନିତ ହୋଇପାରନ୍ତି । ବ୍ୟବସାୟ ମଧ୍ୟମ ଧରଣର ହେବ । ଧନ ଲାଭର ଯୋଗ ରହିଛି । ଘରେ ଆନନ୍ଦ ।

**କୁମ୍ଭ:** ଦେହ ଓ ମନ ଭଲ ରହିବ । ଚାକିରୀ କ୍ଷେତ୍ରରେ ଭ୍ରମଣ କରିବାର ସୁଯୋଗ ମଧ୍ୟ ଜୁଟିପାରେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଆୟ ଓ ବ୍ୟୟ ସମାନ ରହିବ । ପିଲାମାନେ ପଢ଼ାପଢ଼ିରେ ଅବହେଳା କରିବେ ।

**ମୀନ:** କାର୍ଯ୍ୟକ୍ଷେତ୍ରରେ ପ୍ରଶଂସିତ ହେବେ । ବନ୍ଧୁଙ୍କ ଦ୍ୱାରା ସମ୍ମାନିତ ହୋଇପାରନ୍ତି । ପରୋପକାରୀ ହେବେ । ରୋଜଗାର ସ୍ଥିର ରହିବ । ଘରେ ଆନନ୍ଦ ଦେଖାଦେବ । ମହିଳାମାନେ ସୁଖୀ ହେବେ । ମନ ଭଲ ରହିବ ।

# ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଲା ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ନୂତନ ମୁଖ୍ୟମନ୍ତ୍ରୀ ଭାବେ ନିର୍ବାଚିତ ହୋଇଥିବା ମୋହନ ଚରଣ ମାଝୀଙ୍କୁ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ ପ୍ରଦାନ କରାଯାଇଛି । ଅଭିଯାନର ଅଧ୍ୟକ୍ଷ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥି ମତବ୍ୟକ୍ତ କରି କହିଛନ୍ତି ଯେ ଓଡ଼ିଆ ଭାଷାର ଅସ୍ମିତା, ସ୍ୱାଭିମାନ ତଥା ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ କରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି । ପୂଜ୍ୟପୂଜା ସହିତ ଉତ୍କଳର ଗୌରବମୟ ଗାଥାକୁ ଆହୁରି ଆଗେଇ ନିଅନ୍ତୁ ବୋଲି କହିବା ସହିତ କେନ୍ଦୁଝରର ମାଟିର ଏହି ସନ୍ତାନ ସମଗ୍ର ଓଡ଼ିଆଙ୍କ ପ୍ରତିଦକ୍ଷ, ନିଷ୍ଠାର ସହିତ କାର୍ଯ୍ୟ କରନ୍ତୁ । ମୁଖପାତ୍ର ଅରବିନ୍ଦ ତ୍ରିପାଠୀ, ଓଡ଼ିଶା ନାଗରିକ ମହାମଞ୍ଚର ସାଧାରଣ ସମ୍ପାଦକ ଡ଼ ପ୍ରଦୀପ ବିଶ୍ୱାଳ ସଂଯୋଜକ ନାରାୟଣ ଓଝା, ନାରାୟଣ ଖୁଣ୍ଟିଆ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୧୪।୬।୨୦୨୪, ଜ୍ୟେଷ୍ଠ ଦି୩୧ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୦୫।୦୭।୪୭** **ଚନ୍ଦ୍ରୋଦୟ- ଦିଘ ୧୧।୫୦।୧୦**

ଅଷ୍ଟମୀ- ରାଘ ୧୨।୦୪ ପର୍ଯ୍ୟନ୍ତ । ଉତ୍ତରା ଫାଲ୍ଗୁନି ନକ୍ଷତ୍ର- ଅହୋରାତ୍ର । ସିଂହ ଚନ୍ଦ୍ର- ଦିଘ ୧୧।୫୪ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । ଦିଘ ୧୧।୫୪ ଗତେ ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । **ଘାତଚନ୍ଦ୍ର-** କର୍କଟ ଓ ମକର ରାଶିର । ଦିଘ ୧୧।୫୪ ଗତେ ବୃଷ ରାଶିର । **ଶ୍ରାର୍ଦ୍ଧଣ୍ଡୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧା ଖାଦ୍ୟ-** ନଡ଼ିଆ ରାଘ ୧୨।୦୪ ପରେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୦୪ ଗତେ ଘ ୬।୫୬ ମଧ୍ୟେ । ଦିଘ ୧୨।୧୪ ଗତେ ଘ ୨।୫୨ ମଧ୍ୟେ । **ପର୍ବୋତ୍ସବ-** ମାସାନ୍ତ, ପ୍ରଥମ ରଜ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ୨୦୨୫ରେ ଜାପାନକୁ ଟପିବ ଭାରତ

ଭାରତର ଜି୨୦ ସେର୍ପା ଓ ନିତି ଆୟୋଗର ପୂର୍ବତନ ସିଇଓ ଅମିତାଭ କାନ୍ତ କହିଛନ୍ତି ଯେ ୨୦୨୫ରେ ଜାପାନକୁ ଅତିକ୍ରମ କରି ଭାରତ ବିଶ୍ୱର ଚତୁର୍ଥ ବଡ଼ ଅର୍ଥନୀତି ଭାବେ ଉଭା ହେବ। ବର୍ତ୍ତମାନ ଆମେରିକା, ଚୀନ୍, ଜର୍ମାନୀ ଓ ଜାପାନ ପଛକୁ ଭାରତ ପଞ୍ଚମ ବଡ଼ ଅର୍ଥନୀତି ହୋଇରହିଛି। ଦଶ ବର୍ଷ ପୂର୍ବେ ଭାରତ ବୃହତ ଅର୍ଥନୀତି ମଧ୍ୟରେ ଏକାଦଶତମ ସ୍ଥାନରେ ଥିଲେ। ଏହାପରେ କିନ୍ତୁ ସେଥିରେ ଦ୍ରୁତ ବୃଦ୍ଧି ଘଟିଛି। ଅର୍ଥନୀତିରେ ଅନେକ ସକାରାତ୍ମକ ପରିବର୍ତ୍ତନ ଦେଖିବାକୁ ମିଳିଛି। ବର୍ତ୍ତମାନ ଭାରତ ହେଉଛି ଏକ ୩.୭ ଟ୍ରିଲିଅନ ଡଲାର ଅର୍ଥନୀତି।

ଅମିତାଭଙ୍କ ମତରେ ୨୦୧୫ରେ ଭାରତ ପାଞ୍ଚଟି ସଂଘର୍ଷ କରୁଥିବା ଅର୍ଥନୀତି ମଧ୍ୟରୁ ଅନ୍ୟତମ ଥିଲା। ବ୍ରାଜିଲ୍, ଇଣ୍ଡୋନେସିଆ, ଦକ୍ଷିଣ ଆଫ୍ରିକା ଓ ତୁର୍କୀ ସହ ଭାରତକୁ ସେହି ତାଲିକାରେ ମର୍ଗାନ୍ ଷ୍ଟାନ୍ଲିର ବିଶେଷଜ୍ଞମାନେ ସାମିଲ କରିଥିଲେ। ଏବେ ପଞ୍ଚମ ବୃହତ୍ତମ ଅର୍ଥନୀତି ଭାବେ ଉଭା ହୋଇଛି। ଏହା ପଛର କାରଣଗୁଡ଼ିକ ହେଉଛି ଜିଏସ୍ଟି ସଂଗ୍ରହରେ ରେକର୍ଡ, ଅଭିବୃଦ୍ଧି ୮%ରୁ ଅଧିକ ରହିବା, ୨୭ଟି ଦେଶ ସହ ଭାରତୀୟ ମୁଦ୍ରାରେ କାରବାର ଏବଂ ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିବା। କେବଳ ସେତିକି ନୁହେଁ, ଇସ୍ପାତ, ସିମେଣ୍ଟ ଓ ଗାଡ଼ି ଉତ୍ପାଦନରେ ଦୁଇ ଗୁଣା ବୃଦ୍ଧି ହୋଇଥିଲା ବେଳେ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମିରେ ଭାରତ ବିଶ୍ୱର ଅଗ୍ରଣୀ ଦେଶ ଭାବେ ଉଭା ହୋଇଛି। ବିଶ୍ୱର ୪୬ ପ୍ରତିଶତ ଡିଜିଟାଲ୍ କାରବାର ଭାରତରେ ହେଉଛି। ଜନ ଧନ ଖାତାରେ ୨.୩୨ ଲକ୍ଷ କୋଟି ଟଙ୍କା ରହିଛି। ସେ କହିଛନ୍ତି ଯେ ୨୦୦୩-୪ରୁ ୨୦୧୩-୧୪ ମଧ୍ୟରେ ହାରାହାରି ମୁଦ୍ରାସ୍ଫୀତି ୮.୨ ପ୍ରତିଶତ ଥିବା ବେଳେ ୨୦୧୩-୧୪ରୁ ୨୦୨୨-୨୩ ମଧ୍ୟରେ ତାହା ୫%କୁ ହ୍ରାସ ପାଇଛି। ନିକଟରେ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ପ୍ରକାଶ କରିଥିବା ଏକ ରିପୋର୍ଟରେ ଆକଳନ କରିଛି ଯେ ଭାରତ ବିଶ୍ୱର ସବୁଠୁ ଦ୍ରୁତ ଗତିରେ ଆଗକୁ ବଢୁଥିବା ଅର୍ଥନୀତି ହୋଇରହିବ। ଏହା ଭାରତ ପାଇଁ ନିଜର ଅଭିବୃଦ୍ଧି ଆକଳନକୁ ୬.୫ ପ୍ରତିଶତରୁ ବଢ଼ାଇ ୬.୮ ପ୍ରତିଶତ କରିଛି। ୨୦୨୧-୨୨ରେ ଭାରତର ଅଭିବୃଦ୍ଧି ୮.୭ ପ୍ରତିଶତ ଥିବା ବେଳେ ୨୦୨୨-୨୩ରେ ୭.୨ ପ୍ରତିଶତ ରହିଛି। ଫଳରେ ବିଶ୍ୱ ଅର୍ଥନୀତି ପ୍ରତି ଭାରତର ଅବଦାନ ଆହୁରି ଦୃଢ଼ ହୋଇପାରିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁଗସ୍ଥା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମସ୍ତୁତେ।'

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ଥ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

(କ୍ରମଶଃ)

# ଭଗବାନ କାର୍ତ୍ତିକ ଓ ଭଗବାନ ସତ୍ୟସାଇ ବାବା ଅଭିନ୍ନ


ଇଂ ଗୁରୁପ୍ରସାଦ ସରକାର
ମୋ : ୯୪୩୭୦୩୦୪୫୩

**ଶ୍ରୀ ସତ୍ୟସାଇ ମହିମା-୨୬୩**

ମରଫଟ ଦମ୍ପତି ହ୍ୱାଇଟ୍ ଫିଲ୍ଡରେ ରହିବା ସମୟରେ ବାବାଙ୍କର ଭକ୍ତ ଶ୍ରୀ ଓ ଶ୍ରୀମତୀ ଭଟ୍ଟଙ୍କର ଗାଡିରେ ପ୍ରତ୍ୟହ ବାଙ୍ଗାଲୋରରୁ ହ୍ୱାଇଟ୍ ଫିଲ୍ଡ ଯିବା ଆସିବା କରୁଥିଲେ। ଶ୍ରୀ ଭଟ୍ଟ ଚାକିରିରୁ ଅବସର ନେବା ପରେ ଏକ ଗୁରୁତର ହୃଦଘାତରେ ପୀଡିତ ହୋଇଥିଲେ। ତେଣୁ ଡାକ୍ତର ତାଙ୍କୁ ଗାଡି ଚଳେଇବା ପାଇଁ ବାରଣ କରିଥିଲେ। ଏହା ଚାଲିବା ପରେ ମରଫେଟ୍ ଶ୍ରୀ ଭଟ୍ଟଙ୍କ ଗାଡି ଭିତରେ ବିଶ୍ରାମ କରିବାକୁ ଦେଇ ନିଜେ ଗାଡି ଚଳେଇଲେ। ହ୍ୱାଇଟ୍ ଫିଲ୍ଡରେ ଥିବା ସମୟରେ ଦିନେ ବାବା ମରଫେଟ୍ ଦମ୍ପତି, ଭଟ୍ଟ ଦମ୍ପତିଙ୍କ ଆଠଜଣ ଭକ୍ତଙ୍କୁ ଇଣ୍ଟରଭ୍ୟୁ କୋଠରୀକୁ ଡାକିଲେ। ସେଦିନ ଶ୍ରୀମତୀ ଭଟ୍ଟ ନିଜ ହାତ ଧରିଥିବା ଫୁଲ ତୋଡା ଓ ତୁଳସୀ ପତ୍ରକୁ ନିଜ କୁଳଦେବ କାର୍ତ୍ତିକେୟଙ୍କ ସ୍ଥାନରେ ବସିଥିବା ସତ୍ୟସାଇଙ୍କୁ ଅର୍ପଣ କଲେ। ବାବା ଏହି ଫୁଲ ତୋଡାରୁ କେତୋଟି ଫୁଲ ଶ୍ରୀମତୀ ଭଟ୍ଟଙ୍କର କେଶରେ ଲଗାଇ ଦେଲେ। ତା'ପରେ ସମସ୍ତଙ୍କୁ ଅପେକ୍ଷା କରିବାକୁ କହି ଉପର ମହଲାରେ ଥିବା ତାଙ୍କ ଭୋଜନ କକ୍ଷକୁ ଚାଲିଗଲେ। ଏହାପରେ ମରଫେଟ୍ ଦମ୍ପତି ଓ ଭକ୍ତ ଦମ୍ପତି ନିଜ ଭିତରେ କଥା ହେଉଥିବା ସମୟରେ ଆଲସିସ୍ ଲକ୍ଷ୍ୟ କଲେ ଯେ, ଶ୍ରୀ ଭଟ୍ଟଙ୍କର କାନ୍ଧ ଉପରେ ଉପରୁ ପାଉଁଶିଆ ପାଖୁଡା ସବୁ ପଡୁଛି। ଏହାର ଉଚ୍ଚତା ପ୍ରାୟ ଦେଢଫୁଟ ଯାଏଁ ହେଲା ପରେ ଏହା ମରଫେଟ୍ ମଧ ଲକ୍ଷ୍ୟ କଲେ ଓ ଜାଣିଲେ ଏହା ମଧ ବାବାଙ୍କର ଏକ ନୂତନ ଲୀଳା। ଏହାପରଠାରୁ ଶ୍ରୀ ଭଟ୍ଟଙ୍କର ରାତିରେ ହେଉଥିବା ପୀଡା ଅନ୍ତର୍ଦ୍ଧାନ ହୋଇଗଲା। ସେ ନିଜେ ଗାଡି ଚଳେଇ ବାହାରିଲେ। ଭଟ୍ଟ ଦମ୍ପତି ଏହା ପରଠାରୁ ଅଧିକ ଦିନ ପୁଟ୍ଟାପାର୍ତ୍ତିରେ ଅବସ୍ଥାନ କରିବାକୁ ଲାଗିଲେ।

ଭଟ୍ଟ ପରିବାରର ଇଷ୍ଟଦେବତା ଥିଲେ ଭଗବାନ କାର୍ତ୍ତିକେୟ। ୧୮୪୩ ମସିହାରେ ଶ୍ରୀମତୀ ଭଟ୍ଟଙ୍କର ଜରାୟୁରେ କର୍କଟ ରୋଗ ହେଲା। ଚିକିତ୍ସକ ମାନେ ଏଥିପାଇଁ ଅସ୍ତ୍ରୋପଚାର କରିବାକୁ ମତ ଦେଲେ। ସେତେବେଳେ ଶ୍ରୀମତୀ ଭଟ୍ଟଙ୍କ ବିଧବା ଶାଶୁ ସେମାନଙ୍କ ସହ ରହୁଥିଲେ। ସେ ତାଙ୍କ ପୁଅକୁ କହିଲେ "ଅସ୍ତ୍ରୋପଚାର କରିଦେଲେ ଯେ ଏ ରୋଗ ଭଲ ହୋଇଯିବ ତାହାର କୌଣସି ସ୍ଥିରତା ନାହିଁ। ତୋ ବାପାକୁତ ଭଗବାନ କାର୍ତ୍ତିକେୟ ଆରୋଗ୍ୟ କରିଥିଲେ। ତେଣୁ ଆମେ ଆମ କୁଳଦେବତାଙ୍କ ଉପରେ ନିର୍ଭର କରିବା।' ଶାଶୁଙ୍କ ଠାରୁ ଏହି ପରାମର୍ଶ ଶୁଣି ଭଟ୍ଟ ଦମ୍ପତି ଅଧିକ ନିଷ୍ଠାର ସହ ଭଗବାନ କାର୍ତ୍ତିକେୟଙ୍କର ଉପାସନା କରିବାକୁ ଲାଗିଲେ। ତାପରେ କାର୍ତ୍ତିକେୟଙ୍କ ଭଜନ ମଧ ଆରମ୍ଭ ହେଲା। ଏପଟେ ରୋଗର ପ୍ରକୋପରେ ଶ୍ରୀମତୀ ଭଟ୍ଟ ଶଯ୍ୟାଶାୟୀ ହେବାକୁ ଲାଗିଲେ ଓ ଆକୁଳ ହୋଇ କାର୍ତ୍ତିକେୟଙ୍କୁ ପ୍ରାର୍ଥନା କରିବାକୁ ଲାଗିଲେ। ଏହି ପରି କିଛି ମାସ ବିତିଗଲା ପରେ ଶ୍ରୀମତୀ ଭଟ୍ଟ ଦିନେ ରାତ୍ରିରେ ଅର୍ଦ୍ଧ ନିଦ୍ରିତ ଅବସ୍ଥାରେ ଥିବା ବେଳେ ଦେଖିଲେ ଏକ ନାଗସାପ ତାଙ୍କୁ ପ୍ରଦକ୍ଷିଣ କରୁଛି। ସେ ଭୟଭୀତ ହୋଇ ପାଖରେ ଶୋଇଥିବା ଶାଶୁଙ୍କୁ ଉଠେଇଲେ। ଲାଇଟ୍ ଜଳେଇ ଦେଖିଲେ ସାପ ଦେଖା ଗଲା ନାହିଁ। ଆଲୋକ ଲିଭାଇ ଦେଲା ପରେ ପୁଣି ସେ ନାଗସାପ ଦେଖାଗଲା। ଚାହୁଁ ଚାହୁଁ ନାଗସାପଟି ଭଗବାନ କାର୍ତ୍ତିକେୟଙ୍କ ରୂପ ନେଲା। ଶ୍ରୀମତୀ ଭଟ୍ଟ ଅନୁଭବ କଲେ ଭଗବାନ କାର୍ତ୍ତିକେୟ ତାଙ୍କୁ ଧରି ଉପରକୁ ଉଡି ଚାଲିଛନ୍ତି। ତା'ପରେ ଶ୍ରୀମତୀ ଭଟ୍ଟ ତାଙ୍କୁ ଏକ ଉଚ୍ଚ ପଥୁରିଆ ଶୃଙ୍ଗରେ ଆବିଷ୍କାର କଲେ। ଶ୍ରୀମତୀ ଭଟ୍ଟ ଆଣ୍ଠୁମାଡି ବସି ହାତରେ ଓ କପାଳରେ କାର୍ତ୍ତିକେୟଙ୍କ ପାଦ ସ୍ପର୍ଶ କଲେ। ଭଗବାନ କାର୍ତ୍ତିକେୟ ତାଙ୍କୁ ପଚାରିଲେ ତୁ ମୋ ସହ ଯିବୁ ନା ପୃଥିବୀକୁ ଫେରିଯିବୁ ? ତୋ ରୋଗ ଭଲ ହୋଇ ଯାଇଛି। ଶ୍ରୀମତୀ ଭଟ୍ଟ ନିଜ ସ୍ୱାମୀ ଓ ଛୋଟ ସନ୍ତାନଙ୍କ କଥା ଭାବି ଭଗବାନଙ୍କୁ କହିଲେ ମୁଁ ପୃଥିବୀକୁ ଫେରି ଯିବାକୁ ଚାହୁଁଛି। ଭଗବାନ କାର୍ତ୍ତିକେୟ କହିଲେ, ତୁ ବଞ୍ଚିଥିବା ଯାଏ ମୁଁ ତୋର ରକ୍ଷା କରିବି। ତୁ ଶୀଘ୍ର ତୋର ଶକ୍ତି ଫେରି ପାଇବୁ। ତୁ ଏବେ ଯାଇପାରୁ। ଶ୍ରୀମତୀ ଭଟ୍ଟ କହିଲେ' ମୁଁ କିପରି ଯିବି ? ଭଗବାନ ତାଙ୍କ ପାଖରେ ଥିବା ଏକ ଦୀର୍ଘ ସିଡି ଦେଖେଇ କହିଲେ, " ସେଇ ବାଟରେ' ଶ୍ରୀମତୀ ଭଟ୍ଟ ସେ ସିଡିରେ ହୋଇଥିବା ବେଳେ ତାଙ୍କର ହଠାତ୍ ଚେତନାର ବିଚ୍ୟୁତି ଘଟିଲା ଓ ସେ ନିଜକୁ ଶାଶୁଙ୍କ ପାଖରେ ଶୋଇଥିବା ଦେଖିବାକୁ ପାଇଲେ। ଶାଶୁଙ୍କୁ ଉଠେଇ ସେ ସମସ୍ତ ସ୍ୱପ୍ନ ବିଷୟ ବର୍ଣ୍ଣନା କଲେ। ଅଳ୍ପଦିନ ଭିତରେ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଦେହରେ ଶକ୍ତି ପାଇଲେ।

ଏଘଟଣାର ପ୍ରାୟ ୨୦ ବର୍ଷପରେ ଶ୍ରୀ ଓ ଶ୍ରୀମତୀ ଭଟ୍ଟ ସାଇବାବାଙ୍କୁ ଦର୍ଶନ କଲା ବେଳେ ସେ ଶ୍ରୀମତୀ ଭଟ୍ଟଙ୍କୁ କହିଲେ ତୁମ ସହିତ ମୁଁ ଆଗରୁ କଥା ହୋଇଛି। ତୁମେ ସେତେବେଳେ କେତୋଟି ରୋଗରେ ପୀଡିତ ଥିଲ। ତାପରେ ବାବା ତାଙ୍କୁ ଏକ ଦୀର୍ଘ ସିଡିରେ କିଛିଦୂର ଉପରକୁ ନେଇଗଲେ। ଏହି ସିଡିଟି ତାଙ୍କର ରହୁଥିବା ଘରକୁ ଯାଇଥିଲା। ସେ ବୁଝିଗଲା ଯେ ଭଗବାନ କାର୍ତ୍ତିକେୟ ଓ ଭଗବାନ ସତ୍ୟସାଇ ବାବା ଏକ ଓ ଅଭିନ୍ନ।

(କ୍ରମଶଃ)



# ପ୍ରାର୍ଥୀଚୟନରେ ବିଫଳତା ପରାଜୟର କାରଣ


ଶ୍ରୀ ବୁଦ୍ଧରାମ ସାହୁ
ଖାରବେଳନଗର
ମୋ – ୯୪୩୭୧୭୯୦୪୭

ନିକଟରେ ୨୦୨୪ ନିର୍ବାଚନର ଫଳାଫଳ ଆପଣମାନଙ୍କୁ ଅଜଣାନଥିବ, ରାଜ୍ୟରେ ୨୪ବର୍ଷର ଶାସକ ବିଜୁଜନତା ଦଳର ପରାଜୟ ଏବଂ କୌଣସି ଭିତ୍ତି ନଥାଇ ଅଚାନକ ଭାବେ ବିଜେପି ଦଳର ବିଜୟ ରାଜ୍ୟବାସୀଙ୍କୁ ଆଶ୍ଚର୍ଯ୍ୟ କରିଛି। ବିଜେଡ଼ି ଦଳର ସଭାପତି ଶ୍ରୀ ନବୀନ ପଟ୍ଟନାୟକ ଦଳୀୟ ବିଜିତ ବିଧାୟକ ମାନଙ୍କ ପ୍ରଥମ ବୈଠକ ଡ଼ାକି ତାଙ୍କୁ ସେଥିରେ ଦଳର ବିପର୍ଯ୍ୟୟକୁ ପୁଙ୍ଖାନୁପୁଙ୍ଖ ଭାବେ ସମିକ୍ଷା କରିବାକୁ ପରାମର୍ଶ ଦେଇଛନ୍ତି। ପ୍ରାର୍ଥୀ ଚୟନରେ କୌଣସି ନୀତି ନ ଥିବା ସହ ଦୂରଦୃଷ୍ଟିର ଅଭାବ ଏବଂ ଦଳୀୟ କର୍ମୀଙ୍କୁ ଅଣଦେଖା କରି ଦଳର ଭବିଷ୍ୟତକୁ ଭୁଲବାଟରେ ପରିଚାଳିତ କରି ପରାଜୟର ସାମ୍ନା କରାଗଲା। ବିଜୁ ଜନତା ଦଳର ପ୍ରାର୍ଥୀ ଚୟନ ସମସ୍ତ ଗୁପ୍ତ ପଞ୍ଜିକା ସଂଗ୍ରହ କରାଯାଇଛି ବୋଲି ଧାରଣା ସୃଷ୍ଟି କରାଯାଇଛି, ତାହା ପ୍ରକୃତରେ କେତେଦୂର ସଠିକ ତାହା ନିମ୍ନଚୟନରୁ ଆପଣ ବୁଝିପାରିବେ। ପ୍ରଥମେ ମୋରଡ଼ାରୁ ରାଜକିଶୋର ଦାସଙ୍କ ପତ୍ନୀ ପ୍ରୀତିନନ୍ଦା, ନବରଙ୍ଗପୁରରୁ ସଦାଶିବ ପ୍ରଧାନୀଙ୍କ ପତ୍ନୀ କୌଶଲ୍ୟା, ସୋରଡ଼ାରୁ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ପତ୍ନୀ ସଂଘମିତ୍ରା, ପାରାଦ୍ୱୀପରୁ ସମ୍ବିତ ରାଉତରାୟଙ୍କ ପତ୍ନୀ ଗୀତାଞ୍ଜଳୀ, ଅନୁଗୁଳରୁ ରଜନୀକାନ୍ତ ସିଂହଙ୍କ ପତ୍ନୀ ସଂଯୁକ୍ତା ସିଂହ, ଜୟପୁରରୁ ରବିନାରାୟଣ ନନ୍ଦଙ୍କ ପତ୍ନୀ ଇନ୍ଦିରା ନନ୍ଦ, ସାନଖେମୁଣ୍ଡିରୁ ନନ୍ଦିନୀ ଦେବୀଙ୍କ ଝିଅ ଗୀତାଞ୍ଜଳୀ ଦେବୀ, ରଘୁନାଥ ପଲ୍ଲୀରୁ ସୁବ୍ରତ ତରାଇଙ୍କ ପତ୍ନୀ ଅର୍ଚ୍ଚନା ରେଖା ପ୍ରମୁଖଙ୍କ ସ୍ୱାମୀ ତଥା ପୂର୍ବତନ ବିଧାୟକ ହୋଇ ତାଙ୍କର ଭାବମୂର୍ତ୍ତି କ୍ଷୁର୍ଣ୍ଣବୋଲି ରାଜ୍ୟ ଗୁପ୍ତ ପଞ୍ଜିକା ରିପୋର୍ଟ କରିଥିଲା। ତେବେ ସେହି ଏକାଘରୁ ତାଙ୍କ ପତ୍ନୀ ମାନଙ୍କ ଭାବମୂର୍ତ୍ତି କିଭଳି ନିର୍ମଳ ଭାବେ ଗ୍ରହଣୀୟ ହେଲା। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ବର୍ଣ୍ଣିତ ସମସ୍ତ ପ୍ରାର୍ଥୀ ସମ୍ପୂର୍ଣ୍ଣ ଭାବେ ନିର୍ବାଚନରେ ପରାଜୟ ବରଣ କଲେ। ଏତତ୍ ବ୍ୟତିତ ମୟୂରଭଞ୍ଜର ପାର୍ଲାମେଣ୍ଟ ପ୍ରାର୍ଥୀ ସୁଦାମ ମାରାଣ୍ଡିଙ୍କ ପତ୍ନୀ ରଞ୍ଜିତା ମାରାଣ୍ଡି ଢ଼େଙ୍କାନାଳ ବିଧାନସଭା ପ୍ରାର୍ଥୀ ସୁଧିର ସାମଲଙ୍କ ପୁତୁରା ଅବିନାଶ ସାମଲ ପାର୍ଲାମେଣ୍ଟ ପ୍ରାର୍ଥୀ ତଥା ସମ୍ବଲପୁର ପାର୍ଲାମେଣ୍ଟ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାଶଙ୍କ ମାତା ଶ୍ରୀମତୀ ସନ୍ଧ୍ୟାରାଣୀ ଦାସଙ୍କୁ ପ୍ରାର୍ଥୀ କରଯାଇ ଟିକେଟ ଦିଆଯାଇଥିଲା। ଯେଉଁଠାରେ ସମସ୍ତ ପ୍ରାର୍ଥୀ ପରାଜୟ ସ୍ୱୀକାର କଲେ।

ବିଜୁଜନତା ଦଳରେ କୋଡ଼ିଏ ହଜାର ଦରଖାସ୍ତ ମିଳିଥିବା ତଥ୍ୟକୁ କର୍ମୀଙ୍କୁ ଚକମା ଦେଖାଇବା ପାଇଁ ପ୍ରକାଶ କରାଯାଇଥିଲା କାରଣ ବିଜୁ ଜନତା ଦଳରେ ଦକ୍ଷ ପାର୍ଲାମେଣ୍ଟ ପ୍ରାର୍ଥୀ ନଥିବା ଯୋଗୁ ସେମାନେ ବିଜେପି ଦଳରୁ ଭୃଗୁ ବକ୍ସିପାତ୍ର ଯିଏ କି ବିଜେପି ଦଳରେ ବ୍ରହ୍ମପୁର ଆସନରୁ ୨ଥର ପରାଜିତ ହୋଇଥିଲେ, ଠିକ୍ ସେହିପରି ବିଧାୟକ ଧନୁର୍ଜୟ ସିଧୁଙ୍କୁ ବିଜେପି ଦଳରୁ ଆଣି କେନ୍ଦୁଝରର ପାର୍ଲାମେଣ୍ଟ ପ୍ରାର୍ଥୀ କରିବା ଏବଂ ଜୀବନରେ କେବେ ପ୍ରାର୍ଥୀ ହୋଇନଥିବା ଲେଖାଶ୍ରୀ ସାମନ୍ତ ସିଂହାରଙ୍କୁ ବାଲେଶ୍ୱରରୁ ଏବଂ ଏଥି ସହିତ ବିଜେପି ଦଳରୁ ଆସିଥିବା ପରିଣୀତା ମିଶ୍ରଙ୍କୁ ବରଗଡ଼ରେ ପ୍ରାର୍ଥୀ କରାଗଲା। ଏପଟେ କଂଗ୍ରେସ ଦଳରୁ ସୁରେନ୍ଦ୍ର ସିଂହ ଭୋଇ ଗତ ବିଧାନ ସଭା ନିର୍ବାଚନରେ ୨ଥର ପରାଜୟ ହୋଇଥିବା ପ୍ରାର୍ଥୀଙ୍କୁ ବଲାଙ୍ଗିର ଏବଂ ଗତ ନିର୍ବାଚନରେ ରାଜନଗରରୁ ପରାଜିତ ହୋଇଥିବା ଅଂଶୁମାନ ମହାନ୍ତିଙ୍କୁ କେନ୍ଦ୍ରାପଡ଼ାରେ ପାର୍ଲାମେଣ୍ଟରେ ପ୍ରାର୍ଥୀ କରାଯିବାଟା କେତେ ଦୂର ଯଥାର୍ଥ ? କୁହାଯାଇପାରେ ଏଠାରେ ସୂଚିତ କରାଯାଉଛି ଯେ, କେନ୍ଦ୍ରାପଡ଼ା ଆସନ ବିଜୁବାବୁଙ୍କ ଦ୍ୱାରା ଦୀର୍ଘ ୫୦ବର୍ଷ ଧରି ନିଜ ଅକ୍ତିଆରେ ଥିବା ଆସନ ଦଳର ଭୁଲ ପ୍ରାର୍ଥୀ ଚୟନ ଯୋଗୁ ଏହା ହାତଛଡ଼ା ହେଲା। ଅନ୍ୟପଟେ ଭୁବନେଶ୍ୱର ଆସନରେ ଶ୍ରୀମୟୀ ମିଶ୍ରଙ୍କୁ ପ୍ରାର୍ଥୀ କରାଯାଇ ଶେଷ ମୁହୂର୍ତ୍ତରେ ମନ୍ମଥ ରାଉତରାୟଙ୍କ ପ୍ରାର୍ଥୀତ୍ୱକୁ ତତ୍କ୍ଷଣାତ ପରିବର୍ତ୍ତନ କରାଯିବାଟା ଯୁକ୍ତିଯୁକ୍ତ ନଥିଲା। ତା'ର ପରିଣାମ ଦଳକୁ ଭୋଗିବାକୁ ପଡ଼ିଲା। ହୁଏତ ଏଭଳି ନିଷ୍ପତ୍ତି ନିର୍ବାଚନ ଘୋଷଣା ପରେ ପରେ କରାଯାଇଥିଲେ ଫଳାଫଳରେ କିଛି ପରିବର୍ତ୍ତନ ହୋଇପାରିଥାନ୍ତା।

ବିଜୁଜନତା ଦଳରେ ସଭାପତି ନବୀନ ବାବୁ ଦଳୀୟ ଭାବମୂର୍ତ୍ତିକୁ ଅଧିକ ଗୁରୁତ୍ୱ ଦିଅନ୍ତି ଯାହା ତାଙ୍କର ଗତ ୨୪ ବର୍ଷ ସଭାପତିତ୍ୱ ସମୟରେ ପ୍ରତିଫଳିତ ହୋଇଥିଲା। କିନ୍ତୁ ତା'ର ବ୍ୟତିରେକ ଘଟିଲା ମାହାଙ୍ଗରେ ପ୍ରତାପ ଜେନା ବରାଳ ହତ୍ୟା ମାମଲା, ଜୁନାଗଡ଼ରେ ଦିବ୍ୟ ଶଙ୍କର ମିଶ୍ର ନମିତା ହତ୍ୟା ମାମଲା, ପୋଲସରାରେ ଶ୍ରୀକାନ୍ତ ସାହୁଙ୍କ ନାରୀନିର୍ଯାତନା କେସ ଏବଂ ଭଦ୍ରକରେ ପ୍ରଫୁଲ୍ଲ ସାମଲଙ୍କ ଇଡ଼ି ତଦନ୍ତ କେସ୍ ପ୍ରଭୃତିରେ ସମ୍ପୃକ୍ତ ଥାଇ ମଧ୍ୟ ତାଙ୍କୁ ପ୍ରାର୍ଥୀ କରାଗଲା ଏବଂ ସେହି କାରଣରୁ ଅଧିକାଂଶ ପରାଜିତ ହେବା ସହିତ ଦଳୀୟ ଭାବ ମୂର୍ତ୍ତିକୁ ଜଳାଞ୍ଜଳି ଦିଆଗଲା। ବିଜୁ ଜନତା ଦଳ ୨୦୨୪ ନିର୍ବାଚନରେ ୮୨ ଜଣ ପୁରାତନ ବିଧାୟକଙ୍କୁ ପ୍ରାର୍ଥୀ କରାଯାଇଥିଲା। ସେଥିରୁ ପ୍ରାୟ ଏକ ତୃତୀୟାଂଶ ବିଜୟ ଲାଭ କରିଥିବା ସ୍ଥଳେ ଧର୍ମଗଡ଼ରୁ ମୌସୁମୀ ବାଗ, ଖଲ୍ଲିକୋର୍ଟରୁ ପୂର୍ଣ୍ଣଚନ୍ଦ୍ର ସେଠୀ, ହିନ୍ଦୋଳରୁ ସୀମାରାଣୀ ନାୟକ, ନିମାପଡ଼ାରୁ ସମୀର ଦାଶ, ବଡ଼ଚଣାରୁ ଅମର ଶତପଥୀ ଏବଂ ଖଣ୍ଡପଡ଼ାରୁ ସୌମ୍ୟରଞ୍ଜନ ପଟ୍ଟନାୟକ ପ୍ରଭୃତିଙ୍କୁ ପରିବର୍ତ୍ତନ କରାଯିବାର କୌଣସି ଆବଶ୍ୟକତା ନଥିଲା କାରଣ ନୂତନ ପ୍ରାର୍ଥୀଙ୍କ ଅପେକ୍ଷା ପୁରାତନ ବିଧାୟକଙ୍କ ବିଜୟ ସମ୍ଭାବନା ଅଧିକଥିଲା।

ମହିଳା ସଂରକ୍ଷଣ ବିଲ ପାର୍ଲାମେଣ୍ଟରେ ପାସହେଲା ପରେ ତାହା ୨୦୨୯ରେ କାର୍ଯ୍ୟକାରୀ ହେବା ନିଷ୍ପତ୍ତି ହୋଇଥିଲେ ମଧ ବିଜୁ ଜନତା ଦଳ ୨୦୨୪ରେ ତାହାକୁ ଲାଗୁକରି ଅଯଥା ୩୫ଜଣଙ୍କୁ ବିଧାନସଭାକୁ ଏବଂ ୭ ଜଣଙ୍କୁ ପାର୍ଲାମେଣ୍ଟରେ ପ୍ରାର୍ଥୀ କରିଥିଲା। ଏଥିରେ କେବଳ ମାତ୍ର ୫ଜଣ ବିଧାୟିକା ବିଂଝାରପୁରରୁ ପ୍ରମିଳା ମଲ୍ଲିକ, ପଦ୍ମପୁରରୁ ବର୍ଷା ସିଂହ ବରିହା, ଯାଜପୁରରୁ ସୁଜାତା ସାହୁ, ବସ୍ତାରୁ ଶୁଭାସିନୀ ଜେନା ଓ ନର୍ଲାରୁ ମନୋରମା ମହାନ୍ତି ବିଜୟୀ ହେଲେ। ଏଥି ସହିତ ପାର୍ଲାମେଣ୍ଟରେ ସମସ୍ତ ସାତଟି ପ୍ରାର୍ଥୀ ପରାଜିତ ହେଲେ। ତେଣୁ ଏ କ୍ଷେତ୍ରରେ ମହିଳା ପ୍ରାର୍ଥୀନିଙ୍କୁ ଅଗ୍ରାଧିକାର ଦେଇ ଦଳ ସଂପୂର୍ଣ ଭାବେ ବିପର୍ଯ୍ୟୟର ସମ୍ମୁଖୀନ ହେଲା, ବିଜୁଜନତାଦଳରେ ୪୦ଜଣ ଷ୍ଟାର ପ୍ରଚାରକ ଥିଲେ ମଧ କୌଣସି ପ୍ରଚାରକଙ୍କୁ କୌଣସି ନିର୍ବାଚନ ପେଣ୍ଡାଲରେ ପରିଲକ୍ଷିତ ହୋଇନଥିଲା। ବହୁ ଚର୍ଚ୍ଚିତ ପାଣ୍ଡିଆନ ଷ୍ଟାର ପ୍ରଚାରକ ଭାବେ ବିଭିନ୍ନ କର୍ମୀ ସମ୍ମିଳନୀରେ ଭାଷଣ ଦେଉଥିଲେ। ଏପରିକି ଦଳୀୟ ପ୍ରାର୍ଥୀଙ୍କୁ ମଧ ଭାଷଣ ଦେବାକୁ ସୁଯୋଗ ଦେଉନଥିଲେ। ଏହା ଦ୍ୱାରା ଦଳୀୟ କର୍ମୀଙ୍କ ମଧ୍ୟରେ ଯୋଶ, ଉତ୍ସାହ ତଥା ଆନୁଗତ୍ୟର ଅଭାବ ଘଟିଲା। କେନ୍ଦ୍ର ନେତାଙ୍କ ଘନଘନ ଆକ୍ରମଣକୁ ଠିକ ଭାବେ ପ୍ରତିହତ କରାଯିବା ଶକ୍ତିର ଅଭାବ ଘଟୁଥିଲା। ଏ କ୍ଷେତ୍ରରେ ଦଳୀୟ ବରିଷ୍ଠ ସଭ୍ୟ ସର୍ବଶ୍ରୀ ପ୍ରଫୁଲ୍ଲ ଗଡ଼େଇ, ଡ଼. ପ୍ରଶନ୍ନ ପାଟଶାଣୀ, ଅମର ପଟ୍ଟନାୟକ, ଚନ୍ଦ୍ରଶେଖର ସାହୁ, ଅମର ଶତପଥୀ ପ୍ରମୁଖଙ୍କୁ ଷ୍ଟାର ପ୍ରଚାରକଭାବେ ନିଯୁକ୍ତି କରି ମୁଖ୍ୟମନ୍ତ୍ରୀଙ୍କୁ ଗୃହବନ୍ଦୀ ରଖିବା, ଜଗନ୍ନାଥଙ୍କ ରତ୍ନଭଣ୍ଡାରର ଚାବି ହଜିବା ଏବଂ ଓଡ଼ିଆ ଅସ୍ମିତା ପ୍ରଭୃତି ପ୍ରସଙ୍ଗରେ ଉଚିତ ସ୍ପଷ୍ଟିକରଣ ଦିଆଯାଇପାରିଥାନ୍ତା। ଏହି ଭଳି ଭାବେ ଏହି ନିର୍ବାଚନରେ ଦଳର ବରିଷ୍ଠ ନେତାଙ୍କୁ ସଂପୂର୍ଣ୍ଣ ଭାବେ ଅଣଦେଖା କରାଗଲା ଯାହା ବିଜେପିକୁ ବିଜୟୀ କରାଯିବାରେ ସହାୟକ ହେଲା।

ବିଜୁଜନତା ଦଳର ପ୍ରତିଷ୍ଠାତା ସଭ୍ୟ ଦିବଙ୍ଗତ ତଥା ବିଜୁବାବୁଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଯେଉଁମାନେ ଥିଲେ ଓ ବର୍ତ୍ତମାନ ଏଥର ନିର୍ବାଚିତ ହୋଇଛନ୍ତି ସେମାନେ ହେଲେ ପ୍ରସନ୍ନ ଆଚାର୍ଯ୍ୟ, ବଦ୍ରିନାରାୟଣ ପାତ୍ର, ଅଶ୍ୱିନୀପାତ୍ର, ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ଶ୍ରୀମତୀ ପ୍ରମିଳା ମଲିକ ପ୍ରମୁଖ। ଏ ପରିପ୍ରେକ୍ଷିରେ ମୁଁ ବିଜୁବାବୁଙ୍କ ସଂଗଠନ ସମ୍ପର୍କରେ ଏକ ବାସ୍ତବ ତଥ୍ୟ ପ୍ରକାଶ କରୁଛି ବିଜୁବାବୁ ତାଙ୍କ ସଂଗଠନର ସଭାପତିତ୍ୱ ସମୟରେ ସେ କେବେ ଏକାଧିକ ପଦବୀର ସପକ୍ଷରେ ନଥିଲେ। ତେଣୁ ସେ ୧୯୭୦ରେ ଉତ୍କଳ କଂଗ୍ରେସରେ ନିଜର ସହଯୋଗୀ" ନୀଳମଣୀ ରାଉତରାୟଙ୍କୁ ଏବଂ ୧୯୭୭ରେ ଜନତାଦଳ ସରକାରରେ ସେ କେନ୍ଦ୍ରର ଇସ୍ପାତ ମନ୍ତ୍ରୀ ଥିବା ସମୟରେ ସେତେବେଳର ସମାଜସେବୀ ଓ ସଂଗଠକ ବିଧାୟକ ଶ୍ରୀ ବିଶ୍ୱନାଥ ପଣ୍ଡିତଙ୍କୁ ଦଳର ସଭାପତି କରିଥିଲେ। ଏପରିକି ୧୯୯୦ରେ ରାଜ୍ୟରେ ବିପୁଳ ସଂଖ୍ୟାରେ ବିଜୟ ଲାଭକରି ମୁଖ୍ୟମନ୍ତ୍ରୀ ହେଲେ ସେତେବେଳେ ବରିଷ୍ଠ ବିଧାୟକ ଶ୍ରୀ ଅଶୋକ ଦାସଙ୍କୁ ଦଳର ସଭାପତି କରାଇଥିଲେ। ତେଣୁ ଠିକ୍ ସେହିଭଳି ଭାବେ ସଭାପତି ନବୀନ ପଟ୍ଟନାୟକ ଏକ ବ୍ୟକ୍ତି ଏକ ପଦ ଭାବରେ ପ୍ରାରମ୍ଭରୁ ନିଜକୁ ଖାପଖୁଆଇଥିଲେ ତାଙ୍କ ଉପରେ ଏତେ ଚାପ ପଡ଼ିନଥାନ୍ତା ଏବଂ ଦଳୀୟ ସଂଗଠନ ସୁଚାରୁରୂପେ ପରିଚାଳିତ ହୋଇ ପରାଜୟର ସମ୍ମୁଖୀନ ହୋଇନଥାନ୍ତା।

# କହିବା ତ କାହାକୁ କହିବା

ଦିପ୍ତିମୟୀ ନାୟକ
ଯୁବ ସାମ୍ବାଦିକା
ଅନ୍ଧାରୁଆ, ଭୁବନେଶ୍ୱର
ମୋ-୯୦୯୦୬୬୧୫୮୬

ବେଳେବେଳେ ମନକୁ ଅନେକ କଥା ଆସିଥାଏ କିନ୍ତୁ ସେହି କଥା ଗୁଡିକୁ କାହାକୁ କହିହୁଏନି ଶେଷରେ ମନ କଥା ମନରେ ରଖି ଅନେକ ଲୋକ କୁହନ୍ତି କହିବା ତ କାହାକୁ କହିବା। ଯଦି ଆପଣ ଆପଣଙ୍କ ମନର କଥା କାହାକୁ କହିବେନି ତାହେଲେ କେମିତି ଅନ୍ୟମାନେ ସଚେତନ ହେବେ। ତେଣୁ ଅନ୍ୟମାନଙ୍କୁ ସଚେତନ କରିବାକୁ ହେଲେ ଆମକୁ କିଛି ସଚେତନତା ବାର୍ତ୍ତା ଦେବାକୁ ପଡିବ। ହୁଏତ ସେହି ବାର୍ତ୍ତାକୁ କିଏ ଗ୍ରହଣ କରିପାରନ୍ତି ନଚେତ ତାକୁ ଅନ୍ୟମାନେ ବିରୋଧ ମଧ କରିପାରନ୍ତି କିନ୍ତୁ ଏହା ସତ୍ୟ। ଏହା ହିଁ ଆଜିର ସମାଜରେ ଘଟିଚାଲିଛି ନିଜ ଦୁର୍ବଳତାକୁ ଲୁଚେଇ ଭଦ୍ରମୁଖା ତଳେ ଆଉ ଗୋଟେ ସୈତାନ ଚେହେରା ଲୁଚି ରହୁଛି। ତେଣୁ ସୈତାନଙ୍କୁ ମଧ ସୈତାନ ଭଳି ସାବାଡ଼ କରିବା ଉଚିତ। ତେବେ ସୋସିଆଲ ମିଡ଼ିଆ ଖୋଲୁ ଖୋଲୁ ସୋସିଆଲ ପୋଷ୍ଟ ଗୁଡିକ ଉପରେ ନଜର ପଡ଼ିଯାଏ। କେତେବେଳେ କିଏ କାହା ପ୍ରେମରେ ପଡି ନିଜ ଜୀବନ ହାରିଲାଣି ତ ଆଉ କିଏ କାହା ପ୍ରେମରେ ପାଗଳ ହୋଇ ସାଇବର ଠକାମୀର ଶିକାର ହେଲାଣି ତ ପୁଣି କିଏ ନିଜ ପାରିବାରିକ ଜୀବନରେ ଅଶାନ୍ତି ଖେଳେଇଲାଣି। ଆଉ ଏହାରି ଭିତରେ ମନକୁ ଅନେକ ପ୍ରଶ୍ନ ଆସେ ଯଦି ଗୋଟେ ପୁରୁଷ ଅନ୍ୟ ଜଣେ ନାରୀ ପଛରେ ପାଗଳ ହୁଏନି ତାହେଲେ କାହିଁକି ଏସବୁ ତା ଜୀବନରେ ଘଟିଯାଏ। କାହିଁ ଅନ୍ୟ ପୁରୁଷ ମାନେ ତ ଏହିସବୁ ସମସ୍ୟାର ସମ୍ମୁଖୀନ ହୁଅନ୍ତିନି। ତାହେଲେ କାହିଁକି ନିଜକୁ ସାଧୁ ବନେଇ ନିଜର ଦୋଷ ଦୁର୍ବଳତାକୁ ଲୁଚାନ୍ତି। କଣ ପାଇଁ କେବଳ କୁହନ୍ତି ଆମ ସହ ଏସବୁ ଘଟିଗଲା। ଯେତେବେଳେ ଏସବୁ ଘଟୁଥିଲା ସେତେବେଳେ କାହିଁକି ଏମାନେ ନୀରବଦ୍ରଷ୍ଟା ସାଜି ରହୁଥିଲେ। ଫେସବୁକ ରାତି ଅଧରେ ଖୋଲିଦେଲେ ଅନେକ ଲୋକଙ୍କ ମେସେଜ ଆସିଥାଏ ଆଉ ଏହାରି ଭିତରେ ସର୍ବାଧିକ ବୟସ୍କ ଲୋକଙ୍କ ମେସେଜ ଆସିଥାଏ। ସେହିସବୁ ମେସେଜ ଦେଖିଲା ପରେ ମନକୁ ଆସେ ଏମାନେ ଯେଉଁ ବୟସରେ ବିଶ୍ରାମ ନେବାକଥା ନିଜ ଅର୍ଦ୍ଧାଙ୍ଗିନୀ କଥା ଭାବିବା କଥା ଏମାନେ ସେହି ବୟସରେ ନିଜ ଅର୍ଦ୍ଧାଙ୍ଗିନୀ ସହ କଥା ହୁଅନ୍ତିନି ରାତି ଅଧରେ ଝିଅଙ୍କୁ ମେସେଜ କରି ଟିକେ କୌତୁହଳ କଥା ହେବାକୁ ଚାହାଁନ୍ତି। ସେମାନେ ହୁଏତ ଭୁଲିଯାଇଛନ୍ତି ଏଟା ଆଉ ପ୍ରେମ କରିବାର ବୟସ ନୁହେଁ ଏଟା ବିଶ୍ରାମ ନେବାର ବୟସ ବୋଲି। ବୟସ ବଢିଲେ ଦେହରେ ରୋଗ ଘର କରେ ବୋଲି ଶୁଣିଥିଲି କିନ୍ତୁ ବୟସ ବଢିଲେ ଏଭଳି ହୀନଲୋକ ହୀନ ଚିନ୍ତାଧାରା ନେଇ ଠକାମୀର ଶିକାର ହେଉଥିବାର କଥା ଶୁଣି ଆଶ୍ଚର୍ଯ୍ୟ ହୋଇଗଲି। ସବୁ ବୟସ୍କ ଲୋକ ସମାନ ନୁହଁନ୍ତି କିନ୍ତୁ କିଛି ବୟସ୍କ ବ୍ୟକ୍ତି ଏମିତି ଭାବୁଛନ୍ତି ଯେମିତି ସେମାନେ ଆଉ ବୁଢା ନୁହେଁ ନିଜ କିଶୋରବସ୍ଥାକୁ ପଳେଇ ଆସିଛନ୍ତି। ସାର, ଜେଜ ଡାକ ଶୁଣିବା ବଦଳରେ ଏମାନଙ୍କୁ ଧନ, ସୋନା, ବେବି ଡାକ ଲୋଡ଼ା ପଡୁଛି। ସମ୍ମାନ ଦେଲେ ହଜମ ହେଉନି ସେଥିପାଇଁ ଆପଣରୁ ତୁ, ତୁମେ ବୋଲି ସମ୍ବୋଧିତ କର ବୋଲି ଶୁଣିବାକୁ ମିଳୁଛି। ରାତି ଅଧରେ ରାତି ଅନିଦ୍ରା ରହି ଝିଅଙ୍କ ପାଖକୁ ମେସେଜ ପଠିଆ ଯାଉଛି। ଡାଏବେଟିସ କଣ୍ଟ୍ରୋଲ କରିବା ଜାଗାରେ ଆଜିକା ବୟସ୍କ ଝିଅକୁ କଣ୍ଟ୍ରୋଲ କରିବା ଶିଖିବାକୁ ଚେଷ୍ଟା କରୁଛନ୍ତି। ଆଉ ରହିଲା ସେମାନଙ୍କ ଦେହରେ ଥିବା ପୀଡା ଝିଅଙ୍କ ସହ କଥା ହେଲେ ବୋଧେ କମିଯାଉଛି। ସବୁ ଝିଅ ସମାନ ନୁହଁନ୍ତି କିନ୍ତୁ ଆଜିକା ଦିନରେ ଅର୍ଥ ଆଉ ପଦବୀର ଲୋଭ ଦେଖେଇ ଝିଅଙ୍କ ଜୀବନ ସହ ଖେଳିବାକୁ ଚାହୁଁଛନ୍ତି। ଶେଷରେ ନିଜେ ଠକାମୀର ଶିକାର ହେଉଛନ୍ତି। ଯଦି ବ୍ୟକ୍ତିତ୍ୱ ଏତେ ଭଲ ତାହେଲେ କାହିଁକି ନିଜ ବ୍ୟକ୍ତିତ୍ୱରେ ଏମିତି ଦାଗ ଲଗାନ୍ତି ଏଭଳି ଲୋକ।

ଯେତେବେଳେ କୌଣସି ବ୍ୟକ୍ତିର ଚରିତ୍ର ଆଉ ବ୍ୟକ୍ତିତ୍ୱରେ ଥରେ ଦାଗ ଲାଗିଯାଏ ସେତେବେଳେ ସେହିମାନଙ୍କୁ ଆମ ସମାଜ ଚରିତ୍ରହୀନ ବୋଲି କୁହେ। ଏକଥା ଜାଣିବାପରେ ମଧ ଲୋକମାନେ ସେହି ମିଛୁଆ ମାନଙ୍କୁ ବେଶି ବିଶ୍ୱାସ କରୁଛନ୍ତି। ଟାଇମପାସ କରିବା ନାଁରେ ନିଜକୁ ବର୍ବାଦ କରିବା କରିବା ସହ ଠକାମୀର ଶିକାର ହେଉଛନ୍ତି। ତେଣୁ ବୟସ୍କ ମାନଙ୍କୁ ଗୋଟେ କଥା ରାତି ଅନିଦ୍ରା ନରହି ବିଶ୍ରାମ କରନ୍ତୁ। ନିଜ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ ଆଉ ଯଦି ସମୟ ପାଉଛନ୍ତି ସେହିସବୁ ସମୟ ନିଜ ପରିବାରକୁ ଦିଅନ୍ତୁ। କୌଣସି ଝିଅଙ୍କୁ ରାତି ଅଧିଆ ମେସେଜ କରିବା ଭୁଲିଯାଆନ୍ତୁ କାରଣ ସମସ୍ତେ ଅନଲାଇନ ରହି ଚାଟିଙ୍ଗରେ ବ୍ୟସ୍ତ ନଥାନ୍ତି କେହି କେହି ରାତି ଅଧିଆ ଅନଲାଇନ ରହି ପାଠ ପଢିବାରେ ବ୍ୟସ୍ତ ଥାଆନ୍ତି। ନିଜ ସମ୍ମାନ ନିଜ ହାତରେ ତେଣୁ ନିଜ ସମ୍ମାନକୁ ଏମିତି ହରାନ୍ତୁନି। ସୁନ୍ଦରୀ ଝିଅ ଫୋଟ ଦେଖି ତା ପାଖକୁ ରାତି ଅଧିଆ ମେସେଜ କରନ୍ତୁନି କି କୌଣସି ଝିଅ ଠାରୁ ଏମିତି ଅପମାନିତ ହୁଅନ୍ତୁନି କିମ୍ବା କୌଣସି ଠକାମୀର ଶିକାର ହୁଅନ୍ତୁନି।

# ସତର୍କ ଘଣ୍ଟି


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ–୯୪୩୭୯୯୪୩୭୯

ଅଷ୍ଟାଦଶ ଲୋକସଭା ନିର୍ବାଚନ ଫଳାଫଳ ଇତିମଧ୍ୟରେ ପ୍ରକାଶ ପାଇଛି। ଏହି ନିର୍ବାଚନରେ ପଞ୍ଜାବର ୧୩ଟି ଲୋକସଭା ଆସନରେ ବିଜୟ ପ୍ରାର୍ଥୀମାନଙ୍କ ମଧ୍ୟରେ ଦୁଇ ଜଣ ସ୍ୱାଧୀନ ପ୍ରାର୍ଥୀ ଅଛନ୍ତି। ଯେଉଁମାନଙ୍କ ବିଜୟ ଦେଶ ପାଇଁ ଏକ ସତର୍କଘଣ୍ଟି ସଦୃଶ ହୋଇଛି ବୋଲି କୁହାଯାଇପାରେ। ବିଜୟୀ ସ୍ୱାଧୀନ ପ୍ରାର୍ଥୀଙ୍କ ମଧ୍ୟରୁ ଜଣେ ହେଉଛନ୍ତି, ଅମ୍ରିତ ପାଲ ସିଂହ, ଯେ କି 'ୱାରିସ୍ ପଞ୍ଜାବ ଦି' ସଂଗଠନର ମୁଖ୍ୟ ଭାବେ ଜଣାଶୁଣା। 'ୱାରିସ ପଞ୍ଜାବ ଦି' ସଂଗଠନ ହେଉଛି, ସ୍ୱତନ୍ତ୍ର ଖଲିସ୍ଥାନ ରାଷ୍ଟ୍ର ଗଠନ ଆନ୍ଦୋଳନର ମୁଖ୍ୟ ପ୍ରବକ୍ତା ଭାବେ ପରିଚିତ। କେବଳ ଏତିକି ନୁହେଁ, ଖଲିସ୍ଥାନ ଆନ୍ଦୋଳନର ମୁଖ୍ୟ ତଥା ଆତଙ୍କବାଦୀ ଜର୍ଣ୍ଣେଲ ସିଂହ ଭିନ୍ଦରନୱାଲାଙ୍କ ନେତୃତ୍ୱରେ ଆତଙ୍କବାଦୀମାନେ ସ୍ୱତନ୍ତ୍ର ଖଲିସ୍ଥାନ ରାଷ୍ଟ୍ର ଗଠନ ପାଇଁ ପଞ୍ଜାବରେ ଆତଙ୍କବାଦ ଚଳାଇଥିଲେ। ଶିଖଙ୍କ ପବିତ୍ର ଧର୍ମପୀଠ ସ୍ୱର୍ଣ୍ଣମନ୍ଦିର ଆତଙ୍କରାଜଙ୍କ ମୁଖ୍ୟ ଆଡ୍ଡାସ୍ଥଳୀ ଥିଲା। ଭିନ୍ଦରନୱାଲାଙ୍କ ନେତୃତ୍ୱରେ ୪୦୦ରୁ ଉର୍ଦ୍ଧ୍ୱ ଆତଙ୍କବାଦୀ ସ୍ୱର୍ଣ୍ଣ ମନ୍ଦିରରେ ଆତ୍ମଗୋପନ କରି ରହିଥିଲେ। ୧୯୮୪ ମସିହା ଜୁନ ମାସ ୬ତାରିଖ ଦିନ ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରାଗାନ୍ଧୀ ବ୍ଲୁଷ୍ଟାର ଅପରେସନ କରି ଆତଙ୍କବାଦୀଙ୍କୁ ନିପାତ କରିଥିଲେ, ଯାହାକି ଶିଖମାନଙ୍କୁ ଅତ୍ୟନ୍ତ ମାନସିକ ଆଘାତ ଦେଇଥିଲା। ଯେଉଁଥିପାଇଁ କି ସ୍ୱର୍ଗତା ଗାନ୍ଧୀ ନିଜ ବାସଭବନରେ ନିଜ ଅଙ୍ଗରକ୍ଷୀ ଦ୍ୱାରା ନିହତ ହୋଇଥିଲେ। ଏବେ ଏଭଳି ଏକ ସଂଗଠନର ମୁଖ୍ୟ ଥିବା ଅମ୍ରିତପଲ ସିଂହ ଏବଂ ଇନ୍ଦିରାଗାନ୍ଧୀଙ୍କ ଅନ୍ୟତମ ହତ୍ୟାକାରୀଙ୍କ ବିଅନ୍ତସିଂହଙ୍କ ପୁଅ ସରବଜିତ ସିଂହ ଖାଲସା ସ୍ୱାଧୀନ ପ୍ରାର୍ଥୀ ଭାବେ ଲୋକସଭାକୁ ନିର୍ବାଚିତ ହୋଇଛନ୍ତି। ଜେଲରେ ଥାଇ ପଞ୍ଜାବର ଖଡୁର ସାହିବ ଲୋକସଭା ଆସନରୁ ଅମ୍ରିତ ପାଲ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ କଂଗ୍ରେସ ପ୍ରାର୍ଥୀ କୁଲବୀର ସିଂହଙ୍କୁ ଦେଢଲକ୍ଷରୁ ଉର୍ଦ୍ଧ୍ୱ ଭୋଟରେ ପରାସ୍ତ କରି ନିର୍ବାଚିତ ହୋଇଛନ୍ତି। ଅମ୍ରିତପାଲ ଏବେ ଆସାମର ଦିବ୍ରୁଗଡ ଜେଲରେ ବନ୍ଦୀ ଅଛନ୍ତି। ଜେଲରେ ଥାଇ ନିର୍ବାଚନ ଲଢିବାକୁ ସୁପ୍ରିମକୋର୍ଟ ତାଙ୍କୁ ଅନୁମତି ଦେଇଥିଲେ। ବିନା ପ୍ରଚାରରେ ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱିଙ୍କୁ ଦେଢଲକ୍ଷରୁ ଉର୍ଦ୍ଧ୍ୱ ଭୋଟରେ ପରାସ୍ତ କରିବା ନିଶ୍ଚିତ ଭାବେ ଚିନ୍ତାଜନକ। ସେହିପରି ଅନ୍ୟତମ ସ୍ୱାଧୀନ ପ୍ରାର୍ଥୀ ସରବଜିତ ସିଂହ ଫରିଦ୍କୋଟ ଆସନରୁ ୬ଟି ଦଳର ପ୍ରାର୍ଥୀଙ୍କୁ ୭୦ ହଜାରରୁ ଉର୍ଦ୍ଧ୍ୱ ଭୋଟରେ ପରାସ୍ତ କରି ଅଷ୍ଟାଦଶ ଲୋକସଭାକୁ ନିର୍ବାଚିତ ହୋଇଛନ୍ତି। ଭୋଟଦାତାଙ୍କ ମନୋଭାବର ଏହା ହେଉଛି ପ୍ରମାଣ। ସେହିପରି ଜାମ୍ମୁ-କାଶ୍ମୀରର ବାରମୂଳା ଆସନରୁ ଜେଲରେ ଥାଇ ସ୍ୱାଧୀନ ପ୍ରାର୍ଥୀ ଭାବେ ଅବଦୁଲ ରସିଦ୍ ନିର୍ବାଚିତ ହୋଇଛନ୍ତି। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱି ଜାମ୍ମୁ-କାଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲାଙ୍କୁ ୨ଲକ୍ଷରୁ ଅଧିକ ଭୋଟରେ ପରାସ୍ତ କରି ନିର୍ବାଚିତ ହୋଇଛନ୍ତି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଉଥିବା ଅଭିଯୋଗରେ ଜାତୀୟ ନିରାପତା ଆଇନ ବଳରେ ଗିରଫ ରସିଦ୍ ଏବେ ତିହାର ଜେଲରେ ଅଛନ୍ତି। କେବଳ ଏତିକି ନୁହେଁ, ସଂପ୍ରତି ଅଷ୍ଟାଦଶ ଲୋକସଭାକୁ ନିର୍ବାଚିତ ୫୪୩ଜଣ ସାଂସଦଙ୍କ ମଧ୍ୟରୁ ୨୫୧ ଜଣ ଅର୍ଥାତ ୪୬ ପ୍ରତିଶତ ସଦସ୍ୟଙ୍କ ବିରୁଦ୍ଧରେ ଅପରାଧିକ ମାମଲା ରହିଥିବା ରିପୋର୍ଟ ପ୍ରକାଶ ପାଇଛି। ସେମାନଙ୍କ ମଧ୍ୟରୁ ୧୭୦ ନବ ନିର୍ବାଚିତ ସାଂସଦଙ୍କ ବିରୁଦ୍ଧରେ ହତ୍ୟା, ବଳାତ୍କାର, ଅପହରଣ ଭଳି ଗୁରୁତର ମାମଲା ରହିଛି। ଆହୁରି ମଧ ସେମାନଙ୍କ ମଧ୍ୟରୁ ୨୭ଜଣ ଯେଉଁମାନେ କି ନିମ୍ନ କୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇ ଜେଲଦଣ୍ଡାଦେଶ ପାଇଛନ୍ତି କିନ୍ତୁ ଉପର ଅଦାଲତରେ ରହିତାଦେଶ ବଳରେ ନିର୍ବାଚନ ଲଢି ବିଜୟୀ ହୋଇଛନ୍ତି। ତେବେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି, ଅପରାଧିକ ମାମଲା ଥିବା ନିର୍ବାଚନ ସାଂସଦ ବା ବିଧାୟକଙ୍କ ସଂଖ୍ୟା ଲୋକସଭା ହେଉ ବା ବିଧାନସଭାରେ ହେଉ ବଢିଚାଲିଛି। ଗତ ୨୦୦୯ ନିର୍ବାଚନ ପରଠାରୁ ଲୋକସଭାରେ ଏଭଳି ସଂସଦଙ୍କ ସଂଖ୍ୟା ୫୫ ପ୍ରତିଶତ ବୃଦ୍ଧି ପାଇଛି। ଗତ ୨୦୦୯ରେ ଏଭଳି ସାଂସଦଙ୍କ ସଂଖ୍ୟା ୧୬୨ ଥିବାବେଳେ ୨୦୧୪ରେ ୧୮୫, ୨୦୧୯ରେ ୨୩୩ଥିଲା। ଚଳିତ ନିର୍ବାଚନରେ ଦାଗୀ ପ୍ରତିନିଧିଙ୍କ ସଂଖ୍ୟା ୨୫୧ ରହିଛି। ଏହା ନିସନ୍ଦେହ ଯ, ଏହି ଦାଗୀ ସାଂସଦ ଗୋଟିଏ ଦଳର ନୁହଁନ୍ତି। ସେମାନଙ୍କ ମଧ୍ୟରୁ ବିଜେପିର ୬୩ଜଣ, କଂଗ୍ରେସର ୩୨ଜଣ ଏବଂ ଆରଜେଡିର ୪ଜଣ ସାଂସଦ ଅଛନ୍ତି। ଯେଉଁମାନଙ୍କ ବିରୁଦ୍ଧରେ ଗୁରୁତର ଅପରାଧିକ ମାମଲା ରହିଛି, ଯାହାକି ସେମାନେ ସତ୍ୟପାଠରେ ଦର୍ଶାଇଛନ୍ତି। ଏବେ ଭୋଟଦାତାଙ୍କ ମନୋନୟନ କେଉଁ ଆଡକୁ ଗତି କରୁଛି, ତାହା ସ୍ପଷ୍ଟ ଅନୁମାନ କରାଯାଇପାରେ। ଭୋଟଦାତା ନିଜର ମନୋଭାବ ପରିବର୍ତନ ନକଲେ ଦେଶ ତଥା ରାଜ୍ୟର ଆଇନ ପ୍ରଣୟନକାରୀ ସଂସ୍ଥାରେ ବିଚ୍ଛିନ୍ନତାବାଦୀ ଅପରାଧି ନେତାଙ୍କ ସଂଖ୍ୟା ବଢିବ ସିନା କମିବ ନାହିଁ। ଏହା ଭାରତୀୟ ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ



# ଶାଗୁଆ ଚାରା ଓ କଇଁଛ ପିଠି



**ନଗେନ୍ଦ୍ର ନାଥ ପଟ୍ଟନାୟକ**

ମା ପିଲାପିଲିଙ୍କୁ ବିଛଣାରୁ ଉଠାଉ ଉଠାଉ କହିଲେ –'ଆରେ ଅକ୍ଷୟ ଓ ଲଭଲୀ ! ଜଲଦି ଉଠ, ଆଜି ପରା ରଇବାର । ମତେ ପରା ବାଲକୋନିରେ ଥିବା ଚାରାମାନଙ୍କର ଯତ୍ନ ନେବାର ଅଛି...।' ଅକ୍ଷୟ ଆଖି ମଳି ମଳି ପଚାରିଲା– 'ମାମା କେତେଟା ବାଜିଚି ?' ମାମା ଲଭଲୀର ଚାଦରଟି ଟାଣି ଦେଉ ଦେଉ କହିଲେ– 'ନିଦରୁ ଜାଗି ଉଠିବାର ସମୟ ତ ହୋଇଗଲାଣି ।' ତା'ହେଲେ ପ୍ରଥମେ ମତେ ଉଠେଇ ପିଠି ଉପରେ ନାଉକର, ମତେ ଗହମ ବସ୍ତା କରିଦିଅ । ଏପଟେ ଅକ୍ଷୟ ଚଟାପଟ୍ ମୁହଁ ଧୁଆଧୋଇ କରି ଦାନ୍ତଘଷି ସଫା କରିବାରେ ଲାଗିଲା । ଠିକ୍ ଏତିକିବେଳେ କୋଠରିରୁ ପାଟିଶବ୍ଦ ଭାସିଆସିଲା– 'ହେଇ ଗହମ ବସ୍ତା, ଗହମ ବସ୍ତା...।' ଏଣେ ପାପା ଖବରକାଗଜ ପଢା ଅଧାରୁ ଛାଡି ଅଣ୍ଟା ସଳଖି ଉଠିଲେ । ଆସ୍ତେ ଆସ୍ତେ ପାହୁଲ ପକେଇ ପଛପଟୁ ଲଭଲୀକୁ କୋଳକୁ ଟାଣିନେଇ କହିଲେ– 'ହେଇ ଦେଖ ଗହମବସ୍ତା ।' ଏତିକିବେଳେ ମାମାଙ୍କ ପାଟିଶବ୍ଦ ଭାସିଆସିଲା– 'ଅକ୍ଷୟ ! ବଗିଚା ଦେଖାରେଖା କରିବାର ସରଂଜାମ ବାଲକୋନି ଉପରକୁ ନେଇଚାଲ...।'

ଅକ୍ଷୟ ଲଭଲୀକୁ ଦାୟିତ୍ୱ ଦେଇ କହିଲା–'ଲଭଲୀ ତୁ ଚାରାମୂଳେ ପାଣି ଦେବାପାଇଁ କେନ୍‌ଟି ନେଇ ଯାଆ । ଏବେ ମୁଁ ମାମାଙ୍କ ସାଥିରେ ବାଲକୋନି ଉପରକୁ ଯାଉଚି ।' ଲଭଲୀ ଗୋଟି ଗୋଟି କରି ସବୁ କୁଣ୍ଡରେ ପାଣି ଦେବା ଆରମ୍ଭ କରିଦେଲା । ମାମା ପ୍ଲାଷ୍ଟିକ ଚଉକି ଉପରେ ବସି ମାଟି କୋଡିବା ସାଙ୍ଗକୁ ଅନାବନା ଗଛ ସବୁ ଓପାଡି ସଫା କରିବା ଆରମ୍ଭ କଲେ । ଯୋଉଠି ଯୋଉଠି ଫୁଲ ଫୁଟି ଶୁଖି ଝାଉଁଳି ଯାଇଥିଲା ସେଠାରେ ଅକ୍ଷୟ ଚାରାର ଅନାବଶ୍ୟକ ଅଂଶ ଗୁଡିକୁ କାଟିକୁଟି ଦେଉଥିଲା । ଏ ସମୟରେ ପାପା ବାଲକୋନି ଉପରକୁ ଉଠିଆସି ଅକ୍ଷୟ ପିଠି ଥାପୁଡେଇ କହିଲେ–'ଏବେ ଚାଲ ସଫାସଫି କରି କୁଣ୍ଡକୁ ବିପରୀତ ଦିଗ ଆଡେ ବୁଲାଇଦେଏ ।'

ଲଭଲୀ ମାମାକୁ ଡବଡବ ଆଖିରେ ଚାହିଁ ପଚାରିଲା– 'ମୁଇଁ ଏ କୁଣ୍ଡକୁ ବୁଲାଉଛି କାଇଁକି ?' ଲଭଲୀ ଏକଥା ପଚାରିଲାରୁ ଅକ୍ଷୟ କହିଲା–'ଆଲୋ ବୋକୀ ! ଏତିକି ଜାଣିନୁ । ହେଇ ଅନା, ଚାରାର ଚାରିପଟେ କିମିତି ସୁନାଖରା, ସୂରୁଜ କିରଣ ବୁଣି ହୋଇପଡିଛି ।' 'ଅକ୍ଷୟ ! ତୁ ଇମିତି କଥା ତୁଣ୍ଡରେ ଧରନା, ତୁ ଲଭଲୀକୁ ବୁଦ୍ଧୁ ବୋଲି କହିବାଟା ଅନୁଚିତ୍ ...।' 'ସରି ପାପା, ସରି ଲଭଲୀ ! ତୁ ମତେ କ୍ଷମା କରିଦେ'... କହୁ କହୁ ଅକ୍ଷୟ ଗୋଟେ ଛୋଟିଆ କୁଣ୍ଡ ବିପରୀତ ଦିଗରେ ବୁଲେଇ ଥୋଇଦେଲା । ମାମା ବାହାର ପଟକୁ ମୁହଁ କରିଥିବା କିଛି ଚାରାର କେନାକୁ ଦେଖାଇ କହିଲେ– 'ଦେଖ,ଆମ ବାଲକୋନିର ତିନିପଟ କୋଣକୁ, ଫେର ଉପର ଫ୍ଲାଟକୁ । ବାଲକୋନିଟିର କେବଳ ସାମନା ପଟଟା ଖୋଲାମେଲା । ଏଣୁ ଖରା ଓ ସୂରୁଜ କିରଣ ସାମନାପଟୁ ଆସୁଛି । ସବୁ ଚାରାଗଛ ସେ ଖରା ଓ ସୂରୁଜ କିରଣ ପାଇବା ପାଇଁ ବାଲକୋନିର ବାହାଟ ପଟକୁ ମୁହଁ କରିବାରେ ଲାଗିଛି । ଯେପରି ତୁମକୁ ଭୋକ ଲାଗିଲେ ଖାଇବା ପାଇଁ ରୋଷେଇ ଘର ଆଡେ ଦଉଡିଯାଅ, ଠିକ୍ ସେମିତି ହୋଇଥାଏ । ଖାସ୍‌କରି ସେଇ କାରଣରୁ ଚାରାଟି ଗୋଟେ ଦିଗକୁ ଝୁଙ୍କିଯାଏ । ଇଏ ଖୁବ୍ ଆସ୍ତେ ଆସ୍ତେ ବଢିଥାଏ । ଆରେ ହଁ,ଏଇ ଚାରାର ପିଠିଟା ଇମିତି ହୋଇଯାଇଛି ଯେ ଯେପରି କଇଁଛ ପିଠି ଭଳି...।'

ଅକ୍ଷୟ ନିଜେ ପିଠି ନୁଆଁଇ ଚାଲି ଚାଲି ଦେଖାଇଲା ବେଳକୁ ଲଭଲୀ ଖିଲ୍‌ଖିଲ୍ ହୋଇ ହସିବାକୁ ଲାଗିଲା । ଦୁହିଁଙ୍କର ନିରୀହ ଦୁଷ୍ଟାମି ଦେଖି ମାମା ପାପା ଠୋ ଠୋ ହସିବାରେ ଲାଗିଲେ ।

ମାମା କହିଲେ–'ମୁଁ ଚାରା ଗୁଡିକୁ ସମ୍ଭାଳିବା ବେଳେ କୁଣ୍ଡକୁ ବିପରୀତ ଦିଗରେ ବୁଲେଇ ଦେଉଛି । ଯେପରି କି ପ୍ରତିଟି ଦିଗ ଆଡେ ବୁଲେଇ ବୁଲେଇ ଚାରା ଗୁଡିକ ସୁନାଖରା ଓ ସୂରୁଜ କିରଣ ସମାନ ଭାବରେ ପାଇପାରିବେ ଆଉ ଚାରାଗୁଡିକ ସିଧା ଆକାଶକୁ ମୁଣ୍ଡଟେକି ଠିଆହେବେ ।'

'ମାମା ! ଏବେ ମୁଇଁ ବୁଝିଗଲି । ଏଣିକି ପ୍ରତି ରବିବାର ସବୁତକ ଚାରା ମୁଁ ବୁଲେଇ ରଖିବି । ଫେର୍ ଦେଖିବି ସେଗୁଡିକ କଇଁଛ ଭଳି ଯିମିତି ନହୁଏ ।' 'ଚାଲ, ଏବେ ଗାଧୋଇ ପାଧୋଇ ଜଳଖିଆ କରିବ, ଖୁବ୍ ଜୋର୍‌ରେ ଭୋକ ଲାଗିବଣି ...।' 'ହଁ ମାମା,ଏବେ ଆମେ ବି ରୋଷେଇ ଘର ଆଡେ ଧାଉଁଚୁ...।'

*ଓସ୍କାର ସିଟି, ଲେନ ନଂ–୯, ଫ୍ଲାଟ ନଂ–୪୫୬, ଲକ୍ଷ୍ମୀସାଗର କେନାଲ ରୋଡ, ଭୁବନେଶ୍ୱର*

## ଆଜି ସଜବାଜ କାଲି ପରା ରଜ

**ରାମଚନ୍ଦ୍ର ବେହେରା**



ଆଜି ସଜବାଜ କାଲି ପରା ରଜ
ଆସ କୁନା ମୁନା ନଟ
ବାଉଁଶ ଦୋଳିକୁ ଗଛରେ ବାନ୍ଧିବା
ନ କରିବା ଆଉ ମଠ
ପରବ ଭିତରେ ସାର ଅଟେ ପରା
ଆମ ଏ ରଜ ପରବ

ଉତ୍ସବ ମୁଖର ହେବ ଗାଆଁ ଦାଣ୍ଡ
ସିଏ ପରା ଆମ ଗର୍ବ
କୁନି ମୁନି ଝୁନି ଝୁଲଣରେ ବସି
ଗାଇବେ ରଜ ସଂଗୀତ
ପୋଡପିଠା ବାସ୍ନା ଭାସି ଆସୁଥିବ
ଖାଇ ହେବ ମନବୋଧ

ତାଆସ ଲୁଡୁରେ ମଜିଯିବେ ସର୍ବେ
ଗାଆଁ ବରଗଛ ତଳେ
ବାଗୁଡି ଖେଳର ଆସର ଜମିବ
ଗାଆଁ ପାଖ ତୋଟାମାଳେ
ଚନ୍ଦନ କୁଙ୍କୁମ ଚିତା ହସୁଥିବ
ଗାଆଁ ଝିଅ କପାଳରେ
ରଜପାନ ଖାଇ ମେଳି ମେଳିହୋଇ
ବୁଲୁଥିବେ ଆନନ୍ଦରେ
ଆଗ ଭଳି ରଜ ନାହିଁ ସେ ମଉଜ
ନାହିଁ ଆଗ ପରମ୍ପରା
ଆମ ସଂସ୍କୃତିକୁ ଆସ ବଞ୍ଚାଇବା
ବାଣ୍ଟି ପ୍ରେମ ଭାଇଚରା ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ– ୭୩୫୫୬୩୪୩୪୬*

## ରଜରେ ବୁଲିଲି ମାମୁଁ ଘର



**କୁଞ୍ଜବିହାରୀ ସାହୁ**

ବାହୁଡ଼ିଗଲାଣି ଟାଆଁସିଆ ଖରା
ମେଘୁଆ ପବନ ଆସୁଛି,
ଘରିଆଡ଼େ ଏବେ ମେଘୁଆ ମେଘୁଆ
ରଜ ପରବଟି ବାସୁଛି
ବୁଲି ଆସିଅଛି ମାମୁଁ ଘରକୁ ମୁଁ
ବୋଉ ସାଥେ ବସି ଗାଡ଼ିରେ,
ଅଜା ଆଇ ମାଇଁ ଗେଲ କରୁଛନ୍ତି
ଦୋଳି ବାନ୍ଧିଦେଇ ବାଡ଼ିରେ
ବାରିପଟ ଦିଶେ ଶାଗୁଆ ଶାଗୁଆ
ଅଛି ବୋଲି ଗଛ କେତୋଟି,
ମାମୁଁ କହୁଥାନ୍ତି ଗଛ ହିଁ ଜୀବନ
ମିଛ ନୁହେଁ କଥା ସତଟି
ପହିଲି ରଜରେ ସଜବାଜ ହୋଇ
ଖେଳିଲି ମୁଁ ଦୋଳି ଝୁଲିରେ,
ଗାଁ ପିଲାମାନେ ବାଟେ ଯାଉଥିଲେ
ଚାହୁଁଥିଲି ବୁଲିବୁଲିରେ
ଆଇ ଦେଉଥିଲା ପୋଡପିଠା ଗୋଟେ
ଖାଇଦେଲି ଖୁସି ମଜାରେ,
ମାଇଁ ଦେଲେ ପୁଣି କାକରା ଚକୁଳି
ଖାଇ ଲାଗୁଥିଲା ରାଜାରେ
ରଜ ପାନଟିଏ ମାମୁଁ ଖୁଆଇଲେ
ମୋ ଓଠ ନାଲି ହୋଇଲା,
ରଜ ତିନି ଦିନ ମାମୁଁଘର ଗାଆଁ
ମନକୁ ମୋହର ମୋହିଲା
ବୋଉ ସାଥେ ପୁଣି ଘରକୁ ଫେରିଲି
ମୁଣ୍ଡିଆ ମାରିକି ହରଷେ,
ସଭିଏଁ କହିଲେ ସୁନା ଝିଅଟିଏ
ଆସିବୁଲୋ ଆର ବରଷେ ।

*ପାତ୍ରପଡା, ଭୁବନେଶ୍ୱର*
*ମୋ– ୭୦୦୮୧ ୪୨୦୪୦*

## ମାମୁଁ ଘରେ ରଜ ମଉଜ

**ନଳିନୀ ଦାଶ**

ମାମୁଁ ଘରେ ରଜ ପାଳି ମାମାଲି
ମନଟା ଉଛନ ତାର
ସକାଳୁ ଉଠିକି ଗାଧୋଇବା ପାଇଁ
ହୋଇଲାଣି ତରତର

ଅଜା ଆଣିଛନ୍ତି ନୂଆ ପୋଷାକଟେ
ମାମାଲି ପିନ୍ଧିଲା ହସି
ମାମୁଁ ପୁଅ ଝିଅ ସାଥେ ପିଠା ଖାଇ
ଗପ କରୁ ଅଛି ବସି

ମାମୁଁ ବାନ୍ଧିଛନ୍ତି ଫୁଲର ଝୁଲଣ
ଗେହ୍ଲେଇ ଭାଣେଜୀ ପାଇଁ
ରଜଦୋଳି ଗୀତ ଗାଇ ବସି ଝୁଲେ
ଶୁଭୁଅଛି ଚଇଁଚଇଁ

ମଣ୍ଡା ପୋଡପିଠା କ୍ଷୀରି ପୁରି ମିଠା
କରିଅଛି ହାତେ ଆଇ
ମାଛ ମାଂସ ମାଇଁ ରାନ୍ଧି ରଖିଛନ୍ତି
ବସେ ମିଳିମିଶି ଖାଇ

ପାଦରେ ଅଳତା ମଥାରେ କୁଙ୍କୁମ
ଟିପିଟିପି ଚନ୍ଦନରେ
ବେଣୀ ବାନ୍ଧି ଦେଇ ମିଠାପାନ ମାଇଁ
ଖୁଆଇଲେ ସରାଗରେ

ସାଥି ମେଳ ଧରି ଲୁଡୁ ତାସ ଖେଳ
ପୁଚିଖେଳ ଛାଇହେଲେ
ହସାହସି ହୋଇ ମନ ଆନନ୍ଦରେ
ଦୋଳିରେ ବସିକି ଝୁଲେ

ମାମୁଁ ମାଇଁ ସାଥେ ମେଳା ପଡିଆରେ
କରିଲା ରଜ ମଉଜ
ସହରକୁ ଯାଇ ମୀନାବଜାରରୁ
କିଣିଲା ଯେତେକ ସଜ

ନାଚ ଗୀତ କେତେ ଗାଆଁ ଓ ସହରେ
ହୁଏ ରଜ ପରବରେ
ରାଇଜଟି ହସେ ରଜ ପରବଟି
ଆସିଲେ ବର୍ଷକେ ଥରେ ।

*ଭିକାରିପଡା, ଶରଣକୁଳ, ନୟାଗଡ଼*
*ମୋ–୯୨୩୮୯୯୬୬୪୯*

## ଆସିଛିରେ ଆଜି ପାଣିବୁହା

**ନୀଳମଣି ଋଦ୍ର**



ଆସିଛିରେ ଆଜି 'ପାଣିବୁହା'
ଜାଣେ ଏବେକାର ପିଲାମାନେ ତୁମେ
ତୁମପାଇଁ ଏହି ଶବ୍ଦ ନୂଆ

ମନେ ପଡ଼େ ମୋ'ର ପିଲାଦିନ
ଗାଆଁଗହଳିର ରଜ ପର୍ବ ଖୁସି
ଲିଭିନି ମନରୁ ତା'ର ଚିହ୍ନ

ଟ୍ୟାପ ଖୋଲିଦେଲେ ଏବେ ପାଣି
ସେତେବେଳେ ଗାଆଁ କୂଅ, ବାଙ୍ଗିଟିରୁ
ଲୋକେ ନେଉଥିଲେ ପାଣି ଟାଣି

ରଜରେ ନିଷେଧ କାମଧନ୍ଦା
ସେଥିପାଇଁ ଆଗ ଦିନ ପାଣି ରଖା
କାମଟି ତ ହୋଇଥିଲା ଛନ୍ଦା

ବଟାବଟି କିଣାକିଣି ଯାହା
ପାଣିବୁହା ଦିନ ଶେଷ ହେଉଥିଲା
ଏମିତି ସମୟ ଥିଲା ଆହା

ଏବେ ହାଟ ଯିବା ଲୋଡା ନାହିଁ
ପାଣି ଆଣି କୁଣ୍ଡ, ଗରାରେ ଭରିବା
କାମ ନାହିଁ ଆଜି ଆମ ପାଇଁ

ଭୁଲିଲେଣି ଲୋକେ ପାଣିବୁହା
ସମୟ ବଦଳେ ପୁରୁଣାଟି ଯାଏ
ତା' ସ୍ଥାନଟି ନିଏ ଆସି ନୂଆ ।

*ମନ୍ତ୍ର ମାନୋର, ଗୋଠପାଟଣା, ଭୁବନେଶ୍ୱର*
*ମୋ– ୯୫୮୩୨୦୨୩୫୭*



## ରଜ ସଜବାଜ

**ନିରଞ୍ଜନ ସାହୁ**

ରଜ ମଉଜ ଯେ ପାଖେଇ ଆସିଲା
ଏକଥା ଜାଣିଥା' ମିତ
ରଜ ଦୋଳି ଗୀତ ଘୋଷିକି ରଖିଥା'
ଦୋଳିରେ ଗାଇବୁ ଗୀତ
ଭାଇଙ୍କୁ କହିଥା' ଆମ୍ବ ତୋଟା ଯାଇ
ଦେଖିବେ ସେ ଶକ୍ତଡାଳ
ରଜ ଆଗରୁ ସେ ଦୋଳି ବାନ୍ଧିଦେବେ
ଏକଥା ମନରେ ଭାଳ
ବାପାଙ୍କୁ କହିବୁ ନୂଆ ଜାମାପଟା
ସଅଳ ସେ କିଣିଦେବେ
ନୂଆ ପୋଷାକ ସେ କିଣିବା ବେଳକୁ
ତୋତେ ସେ ସାଥିରେ ନେବେ
ନାନା ପ୍ରସାଧନ ସାମଗ୍ରୀ କିଣିଥା'
ସଜବାଜ ହେବା ପାଇଁ
ଠିକଣା ବେଳକୁ ନ ହେଲେ କାନ୍ଦିବୁ
ମୁଣ୍ଡ ହେବ ଝାଇଁଝାଇଁ
ବୋଉକୁ କହିବୁ ପୋଡ଼ପିଠା ପାଇଁ
ଏବେଠୁଁ ପ୍ରସ୍ତୁତ ହେବ
ଚାଉଳ କୁଟିକି ଚୁନା କରିଥିବ
ବିରି ଆଣି ରଖିଦେବ
ଦାଦାଙ୍କୁ କହିବୁ ଗୁଡ଼, ନାରିକେଳ
କଦଳୀ, ପଣସ, ଦହି
ଆମ୍ବ, ରସଗୋଲା, କ୍ଷୀର, ଛେନା, ଚିନି
ଆଣିବାକୁ ଦେବୁ କହି
ସାଙ୍ଗସାଥିଙ୍କୁ ତୁ କହିବୁ ମିତ ଲୋ
ରଜରେ ବୁଲିବେ ଗାଆଁ
ଗଣପର୍ବ ଅଟେ ରଜ ମଉଜ ଯେ
ଓଡ଼ିଶା ବିଖ୍ୟାତ ନାଆଁ
ସାଙ୍ଗସାଥିଙ୍କୁ ତୁ ନିମନ୍ତ୍ରଣ କରି
ଡାକିବୁ ରଜରେ ଘରେ
ପିଠାପଣା, ମିଠା ଖୁଆଇବୁ ନେଇ
ଦୋଳି ଖେଳିଯିବା ପରେ
ରଜ ମହୋତ୍ସବ ପଡିଆକୁ ଯିବୁ
ସେଇଠି ବହୁତ ମଜା
ମୀନା ବଜାରରୁ ଜିନିଷ କିଣିବୁ
ଟଙ୍କା ଗଣିଦେବେ ଅଜା
ସେଠାରେ ଖେଳିବୁ ନାନାବିଧ ଦୋଳି
ଦେଖିବୁ ପିଲାଙ୍କ ନାଟ
ରଜ ତିନିଦିନ ମଉଜ କରିବା
ଆମେ ଯେତେ କୁନି ଚାଟ ।

*ନିହଲ ପ୍ରସାଦ, ଗଁଦିଆ ପାଟଣା ଢେଙ୍କାନାଳ– ୭୫୯୦୧୬*
*ମୋ– ୯୯୩୮୭୪୧୫୮୩*

## ଆଗ ପରି ରଜ ମଉଜ ଜମୁନି



**ଜୟନ୍ତ କୁମାର ମଲ୍ଲିକ**

ଆଗ ପରି ରଜ ମଉଜ ଜମୁନି
ବାସୁ ନାହିଁ ପିଠା ପଣା–
ଓଡ଼ିଆ ଘରର ପୂରୁବ ସଂସ୍କୃତି
ହୋଇଅଛି ବାଟବଣା,
ଫିକା ଫିକା ଲାଗେ ରଜ ସଜବାଜ
ମନରେ ସରାଗ ନାହିଁ –
କୁମାରୀ ମାନଙ୍କ ମନରେ ଆଗ୍ରହ
ଆଗ ପରି ଆଉ କାହିଁ ?
ବୁଲା ବୁଲି ପୁରା କମି ଯାଇଅଛି
ଦୋଳି ଖେଳ କାଆଁ ଭାଆଁ –
ଆପଣା ପଣରେ ଆଗପରି ଆଉ
ଉଛୁଳି ପଡୁନି ଗାଆଁ,
ସହରୀ ସଭ୍ୟତା ଗାଆଁରେ ପଶିଛି
ଶୁଭୁନି ତ ରଜଗୀତ –
ତରୁଣୀ ମାନେ ତ ମୋବାଇଲ ଧରି
ଖୋଜନ୍ତି ମନର ମିତ,
ବାଗୁଡ଼ି ଖେଳର ନାଗରା ଶବଦ
କେଉଁଠାରେ ଶୁଭୁ ନାହିଁ –
ସ୍ନେହ ଶ୍ରଦ୍ଧା ମିଶା ରଜପାନ ମଧ
ମିଳୁ ନାହିଁ ଚାହିଁ ଚାହିଁ,
ପୁରୁଖା ଲୋକଙ୍କୁ ଗଭୀର ଆଘାତ
ଦିଏତ ଏବେକା ରଜ –
ଗାଆଁରୁ ସହର ଆତଙ୍କ ଖେଳାଏ
ବନସ୍ତରୁ ଆସି ଗଜ ।

*ଶୂରଡିହ, ନନ୍ଦିପୁର, ଦଶରଥପୁର, ଯାଜପୁର*
*ମୋ– ୯୪୩୭୮୬୫୭୨୭*

## ଦୋଳି ଲଗାଇବା ଆମେ

**ମହେନ୍ଦ୍ର କୁମାର ଘଡ଼େଇ**

ଲିପୁ ପଚାରୁଛି ଲୁସିକୁ
କିଏ ନେଲା ଆମ ଖୁସିକୁ
ଗଛଟି ନାହିଁ
ଦୋଳି ଲଗାଇବା ଆମେ
କେଉଁଠି କାହିଁ ?

ତତାଇ ଦେଉଛି ଧରାକୁ
ବୁଣିଦିଏ ଟାଣ ଖରାକୁ
ବରଷା ନାହିଁ
ମଉଜ କରିବା ଦିଦି
କାହାକୁ ଚାହିଁ ?

ଡରାଇ ଦେଉଛି ଆମକୁ
କରୁ କିଆଁ ଏଇ କାମକୁ
ଯାହାର ପାଇଁ
ହସ ଖୁସି ଅପସରି
ଗଲାଟି ଭାଇ !

ପୋଡ଼ପିଠା ଆଉ ହେଉନି
ପାଦେ ଗୁଆଖୋଳ ନାଉନି
ଅକାମ କରି
ଆପଣା ହାତରେ ଦେଲୁ
ସବୁ ତ ସାରି

ପାଲା ଘୋଡ଼ାନାଚ ହଜିଲା
ଭାଇଚରାକୁ ନ ହେଜିଲା
ବଦଳି ଗଲା
ଜୀବନ ଧାରାରେ ସିଏ
ଦୁଃଖକୁ ଦେଲା

ହସ ଖୁସି ପାଇଁ ଧରାରେ
ଲଗା ଗଛଟିଏ ପରାରେ
ବଢ଼ିଲେ ଗଛ
ତାହାରି ଓହଳେ ଦୋଳି
ନୁହଇଁ ମିଛ ।

*କ୍ଷେତ୍ରମୋହନ ବିଦ୍ୟାପୀଠ, କଟରପଡ଼ା, ପିଠାପଡ଼ା, ନିଶ୍ଚିନ୍ତକୋଇଲି, କଟକ*
*ମୋ– ୯୪୩୭୭୪୦୫୬୬*

## ରଜରାଣୀ

**ଜଗଦୀଶ ସାହୁ**

ଝିପି ଝିପି ପଡ଼େ ବର୍ଷାପାଣି
ଧରାକୁ ଆସିଛି ରଜରାଣୀ
ସାଙ୍ଗରେ ଆଣିଛି ଭୁଜା ଲିଆ
ପାଟିକୁ ଲାଗଇ ସୁଆଦିଆ
କାନିରେ ବାନ୍ଧିଛି ମିଠାପାନ
ଖାଇବାକୁ ମନ କନକନ
ପଣସ ସପୁରୀ ଜାମୁକୋଳି
ଆମ୍ବ ଆଣିଅଛି ଭଳିଭଳି
ଝିଅବୋହୂ ସାଙ୍ଗ ସାଥିମେଳେ
ଦୋଳି ଖେଳିବ ସେ ତୋଟାମାଳେ
ମନ ଆନନ୍ଦରେ ଗୀତ ଗାଇ



ସବୁରି ପରାଣ ନେବ ମୋହି
ରଜରାଣୀ ପାଇଁ ଖୁସି ହୋଇ
ପିଠା କରିଛନ୍ତି ଆମ ଆଇ
ଭାତ ଡାଲି ଭଜା ତରକାରୀ
ବାସନାରେ ପେଟ ଯାଏ ପୁରି
ପିଠା ମିଠା ଖାଇ ରଜରାଣୀ
ଚଷକୁ ଅଜାଡ଼ି ଦେବ ପାଣି
ଖୁସିରେ ହସିବ ଚଷୀ ଭାଇ
ରଜରାଣୀ ଗୁଣ ଗାଇଗାଇ ।

*ସଂଜପଡା, ହିନ୍ଦୋଳ, ଢେଙ୍କାନାଳ– ୭୫୯୧୨୮*

## ରଜ ତ ଅଟଇ ଗଣ ପରବ

**ପ୍ରଦୀପ୍ତ କୁମାର ଦାସ**



ରଜ ତ ଅଟଇ ଆମ ରାଇଜର
ଜଣାଶୁଣା ଗଣ ପରବ –
ତାର ଆଗମନେ ପ୍ରତି ଓଡ଼ିଆଙ୍କ
ମନେ ଭରି ଯାଏ ଗରବ,
ସାରା ଓଡ଼ିଶାରେ ତିନିଦିନ ଧରି
ରାଜୁତି କରଇ ରଜଟି –
ଗାଉ ଗାଉ ରଜ ଗୀତକୁ ହରଷେ
ମନେ ପଶି ଆସେ ଗଜଟି,
ପହିଲି ରଜଠୁ ରଜ ସଙ୍କରାନ୍ତି
ଲାଗିଥାଏ ବେଶି ସରସ –
ଭୂମିଦାହ ଦିନ ଖାଲି ପାଦେ ଝିଅ
ନକରନ୍ତି ଭୂମି ପରଶ,
ତାପର ଦିନର ସକାଳୁ ସକାଳୁ
ସିନାନ କରନ୍ତି ଧରଣୀ –
ହୁଳହୁଳି ଆଉ ଶଙ୍ଖ ଶବଦରେ
ନାରୀଏ କରନ୍ତି ବରଣି,
ଝିଅ ଖେଳିଥାନ୍ତି ଦୋଳି ଆଉ ପୁଚି
ପୁଅ ଲୁଡୁ ତାସ ବାଗୁଡ଼ି –
ଗାଇଗୋରୁ ମନଖୁସିରେ ବୁଲନ୍ତି
ବେକରେ ସାଜଇ ଘାଗୁଡ଼ି,
ତତଲା ମାଟିରେ ପହିଲି ବରଷା
ଶୀତଳ ପରଶ ଦିଅଇ –
ରଜ ପୋଡ଼ପିଠା ସାଥେ ରଜ ପାନ
ମନକୁ ତ ମୋହି ନିଅଇ,
ଏହି ସମୟରେ ହୁଏ ନାହିଁ ହଳ
ହୁଏ ନାହିଁ କଟା ବଟା ତ –
ଘରର ମୁଖିଆ ସମସ୍ତଙ୍କ ଲାଗି
ଆଣିଥାନ୍ତି ଲୁଗାପଟା ତ,
ସଭିଙ୍କୁ ଏକାଠି କରିଥିବା ରଜ
ଫେରିଯାଏ ନିଜ ଘରକୁ –
ବିଦାୟ ବେଳାରେ କହିଦେଇ ଯାଏ
ଆସିବ ସେ ଆର ଥରକୁ ।

*କଣ୍ଟାବଣିଆ, ଛତ୍ରପଡ଼ା, ପ୍ରୀତିପୁର, ଯାଜପୁର*
*ମୋ– ୮୫୯୪୮୮୫୮୯୮*

## ଗଛ ଡାଳେ ପାଣି ପାତ୍ର ବାନ୍ଧିବା

**ସୁରମା ମିଶ୍ର**



ଆସ ପିଲାମାନେ ଯିବାରେ ଯିବା
ଗଛଡାଳେ ପାଣିପାତ୍ର ବାନ୍ଧିବା
ପକ୍ଷୀମାନେ ସବୁ ବିକଳ ହୋଇ
ପାଣିଟିକେ ଖୋଜୁ ଅଛନ୍ତି ଯାଇ

ଏ ସନ ଖରାର ତାପ ବଢ଼ିଛି
ନଇନାଳ ସବୁ ସୁଖି ଯାଇଛି
ଗଛ କାଟିବାରୁ ବରଷା ରାଣୀ
ହୋଇ ଯାଇଅଛି ଅଭିମାନିନୀ

ଅଭିମାନ କରି ବରଷୁ ନାହିଁ
ଛଟ ପଟ ସବୁ ପାଣିର ପାଇଁ
ଘରୁ ମୁଠେ ମୁଠେ ଚାଉଳ ଆଣି
ଗଛମୂଳେ ଆମେ ଦେବାରେ ବୁଣି

ପକ୍ଷୀମାନେ ସବୁ ଗଛରୁ ଡେଇଁ
ଖୁସିହୋଇ ଦାନା ଖାଇବେ ଯାଇ
ପାଣିଭରା ପାତ୍ର ପାଣି ପିଇବେ
ଶାନ୍ତିରେ ଗଛରେ ବିଶ୍ରାମ ନେବେ

କିଚିରି ମିଚିରି ଗୀତଟି ଗାଇ
ମନକଥା ତାଙ୍କ ଦେବେରେ କହି
ଛୋଟପକ୍ଷୀ ସିନା ବୁଦ୍ଧି ବହୁତ
ଖୁସି ବାଣ୍ଟୁଥାନ୍ତି ସେ ଅବିରତ

ତାଙ୍କଠୁ ଏତିକି ଶିଖିବା ଆମେ
ମନ ଲଗାଇବା ମହତ କାମେ
ଖରାପ ଚିନ୍ତାକୁ ମନୁ ପୋଛିବା
ଶାନ୍ତିରେ ଆମେରେ ଦିନ କାଟିବା ।

*ବିଏଲ–୩୯, ଭିଏସଏସ ନଗର, ଭୁବନେଶ୍ୱର*
*ମୋ– ୯୮୫୩୩୪୩୯୬୫*

## ପିଠା ତ ପିଠା ପୋଡ଼ପିଠା

**ଅନନ୍ତ କୁମାର ସେନାପତି**

ପିଠା ତ ପିଠା ପୋଡ଼ ପିଠା
ସୁଆଦ ଭାରି ଲାଗେ,
ମାଆ କରନ୍ତି ଶରଧା କରି
ଖାଏ ମୁଁ ବଡ଼ ବାଗେ



ଖେଳ ତ ଖେଳ ଦୋଳି ଖେଳ
ରଜ ପରବେ ଖେଳୁ,
ଆମ୍ବ, ପଣସ, ଖଜୁରୀ, ତାଳ
ଖାଇବା ପାଇଁ ତୋଳୁ

ପାନ ତ ପାନ ରଜ ପାନ
ଖାଇବା ପାଇଁ ମଜା,
ଆଣିଛି କିଣି ନିଅରେ ପିଲେ
ଡାକ ଦିଅନ୍ତି ଅଜା

ଖେଳିବା ଦୋଳି କହ୍ନେଇ ପରି
ମୁରୁକି ମୁରୁକି ହସି,
ସଖା, ସୋଦର ପାଖରେ ଥିଲେ
ଲାଗଇ କେତେ ଖୁସି



ବରଷ ସାରା ଯେତେ କଷଣ
ପରବ ନିଏ ହରି,
ଆଷାଢ଼ ମେଘ ଶୀତଳ ହୋଇ
ଆକାଶୁ ପଡେ ଝରି ।

*ବାଣ୍ଟୁପଡା, ରେଲୱେ ସାଇଡିଙ୍ଗ, ରାଜଗାଙ୍ଗପୁର, ସୁନ୍ଦରଗଡ*
*ଫୋନ–୭୦୦୮୩୦୪୨୨୫*

## ନ୍ୟାସନାଲ ସୁଇମିଂ ର୍‍ୟାଙ୍କିଙ୍ଗ୍ ଚାମ୍ପିୟନସିପ୍

# ଦ୍ୱିତୀୟ ଦିବସରେ ଓଡ଼ିଶାକୁ ୬ ପଦକ




**ଭୁବନେଶ୍ୱର**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମର ଆକ୍ୱାଟିକ୍ ସେଣ୍ଟରେ ଚାଲିଥିବା ୨ୟ ନ୍ୟାସନାଲ ସୁଇମିଂ ର୍‍ୟାଙ୍କିଙ୍ଗ୍ ଚାମ୍ପିୟନସିପ୍‌ର ଦ୍ୱିତୀୟ ଦିବସରେ ଓଡ଼ିଶା ପ୍ରତିଯୋଗୀ ମାନେ ୬ଟି ପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ୨ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୩ ବ୍ରୋଞ୍ଜ ସାମିଲ। ୧୦୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ମନ୍ନତା ମିଶ୍ର ୧:୧୪.୦୫ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ୧୦୦ ମିଟର ବଟରଫ୍ଲାଏରେ ସୃଷ୍ଟି ଉପାଧ୍ୟାୟ ୧:୦୩.୦୪ ସେକେଣ୍ଡ ସହିତ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଦିବ୍ୟଙ୍କା ପ୍ରଧାନ ୧୦୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ୧:୧୬.୦୧ ସେକେଣ୍ଡ ସହିତ ରୌପ୍ୟ ଓ ୧୦୦ ମିଟର ବଟରଫ୍ଲାଏରେ ୧:୦୭.୦୦ ସେକେଣ୍ଡ ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୧୦୦ ମିଟର ଫ୍ରିଷ୍ଟାଇଲରେ ସୋନିଆ ପଟେଲ (୧:୦୧.୦୭) ଓ ୧୫୦୦ ମିଟର ଫ୍ରିଷ୍ଟାଇଲରେ ଅଭିନବ ସିଂ ବ୍ରୋଞ୍ଜ ପଦକ ଜିତିଛନ୍ତି। ଏହାକୁ ମିଶାଇ ପ୍ରତିଯୋଗିତାରେ ଓଡ଼ିଶା ପଦକ ସଂଖ୍ୟା ୧୧ରେ ପହଞ୍ଚିଛି। ପ୍ରଥମ ଦିବସରେ ଓଡ଼ିଶାକୁ ୫ ପଦକ ମିଳିଥିଲା।

୧୮ ବର୍ଷରୁ ଊର୍ଦ୍ଧ୍ୱ ମହିଳା ୨୦୦ ମିଟର ବଟରଫ୍ଲାଏରେ ସୃଷ୍ଟି ଉପାଧ୍ୟାୟ ସ୍ୱର୍ଣ୍ଣ, ୧୮ ବର୍ଷରୁ କମ୍ ବାଳିକା ୨୦୦ ମିଟର ବଟରଫ୍ଲାଏରେ ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ ରୌପ୍ୟ, ୫୦ ମିଟର ବାଳିକା ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ମନ୍ନତା ମିଶ୍ର ରୌପ୍ୟ ଓ ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ ବ୍ରୋଞ୍ଜ ଏବଂ ୧୮ ବର୍ଷରୁ ଊର୍ଦ୍ଧ୍ୱ ମହିଳା ୨୦୦ ମିଟର ଫ୍ରିଷ୍ଟାଇଲରେ ପ୍ରତ୍ୟାଶା ରାୟ ରୌପ୍ୟ ପଦକ ପାଇଥିଲେ।

# ଆମେରିକାକୁ ହରାଇ ସୁପର-୮ରେ ଭାରତ

**ନ୍ୟୁୟର୍କ**

ଅର୍ଶଦୀପ ସିଂଙ୍କ ଘାତକ ବୋଲିଂ ପରେ ମୁସ୍କିଲ ପିଚ୍‌ରେ ସୂର୍ଯ୍ୟକୁମାର ଯାଦବ ଏବଂ ଶିବମ ଦୁବେଙ୍କ ସାହସିକ ଇନିଂସ ବଳରେ ଟି-୨୦ ବିଶ୍ୱକପ୍‌ର ୨୫ତମ ମୁକାବିଲାରେ ଭାରତ ଆମେରିକାକୁ ୭ ୱିକେଟ୍‌ରେ ହରାଇଛି। ବିଜୟ ସହ ତୃତୀୟ ଦଳ ଭାବେ ଭାରତ ଚଳିତ ବିଶ୍ୱକପ୍‌ରେ ସୁପର-୮କୁ ପ୍ରବେଶ କରିଛି। ଆମେରିକା ଦ୍ୱାରା ଧାର୍ଯ୍ୟ ୧୧୧ ରନର ବିଜୟ ଲକ୍ଷ୍ୟକୁ ଭାରତ ୧୮.୨ ଓଭରରେ ୩ ୱିକେଟ ହରାଇ ହାସଲ କରିନେଇଛି। ଭାରତ ପକ୍ଷରୁ ସୂର୍ଯ୍ୟକୁମାର ଯାଦବ ଅପରାଜିତ ୫୦ ରନ୍ ଏବଂ ଶିବମ ଦୁବେ ଅପରାଜିତ




୩୧ ରନର ଇନିଂସ ଖେଳି ଭାରତକୁ ଜିତାଇଛନ୍ତି।

ଟି-୨୦ ବିଶ୍ୱକପ୍‌ର ୨୫ତମ ମ୍ୟାଚ୍‌ରେ ଗ୍ରୁପ୍-ଏ ରେ ଭାରତ ଏବଂ ଆମେରିକା ମୁହାଁମୁହିଁ ହୋଇଛନ୍ତି। ନ୍ୟୁୟର୍କର ନାସାଉ କାଉଣ୍ଟି ଆନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଭାରତୀୟ ଅଧିନାୟକ ରୋହିତ ଶର୍ମା ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଆମେରିକା ଅଧିନାୟକ ମୋନାଙ୍କ ପଟେଲଙ୍କ ନେତୃତ୍ୱରେ ବ୍ୟାଟିଂ ଆରମ୍ଭ କରିଥିଲେ।

ଧାର୍ଯ୍ୟ ୨୦ ଓଭରରେ ଆମେରିକା ୮ ୱିକେଟ ହରାଇ ୧୧୦ ରନ କରିଥିଲା। ଫଳରେ ଭାରତ ପାଇଁ ବିଜୟ ଲକ୍ଷ୍ୟ ୧୧୧ ରନ ରହିଛି

ଆମେରିକା ପକ୍ଷରୁ ଷ୍ଟିଭେନ ଟେଲର ୨୪ ରନ କରିଥିବାବେଳେ ଆରୋନ ଜୋନସ ୧୧ ରନ କରିଥିଲେ। ସେହିପରି ନୀତୀଶ କୁମାର ୨୭ ରନ୍, କୋରୟ ଆଣ୍ଡରସନ ୧୪ ରନ୍, ହରମିତ ସିଂ ୧୦ ରନ୍, ଶ୍ୟାଡଲି ଭାନ ଶାଲ୍‌କ୍ୱିକ ୧୧ ରନ୍, ଜସଦୀପ ସିଂ ୨ ରନ କରିଥିଲେ।

## ଆଜି ଟି-୨୦ ବିଶ୍ୱକପ୍‌ରେ...

ୱେଷ୍ଟଇଣ୍ଡିଜ୍ ସହିତ ନ୍ୟୁଜିଲାଣ୍ଡ : ସକାଳ ୬ଟା
ବାଂଲାଦେଶ ସହିତ ନେଦରଲାଣ୍ଡସ୍ : ସନ୍ଧ୍ୟା ୮ଟା

## ଜାତୀୟ ସିନିୟର ପେନ୍‌ଚାକ ସିଲାଟ୍ ଚାମ୍ପିୟନସିପ୍

# ବିଜୟ ସହ ଓଡ଼ିଶା ମହିଳା, ପୁରୁଷ ଦଳର ବିଜୟରୁ ଅଭିଯାନ ଆରମ୍ଭ

**ଭୁବନେଶ୍ୱର**

ଜାତୀୟ ସିନିୟର ପେନ୍‌ଚାକ ସିଲାଟ୍ ଚାମ୍ପିୟନସିପ୍ (ମହିଳା ଓ ପୁରୁଷ)ର ଦ୍ୱାଦଶ ସଂସ୍କରଣ କିଟ୍ ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ପେନ୍‌ଚାକ ସିଲାଟ ଆସୋସିଏସନ ଆନୁକୂଲ୍ୟରେ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୯୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। କଳିଙ୍ଗ କମର୍ସିଆଲ କର୍ପୋରେସନ (କେସିସିଏଲ୍)ର ଉପସଭାପତି ଅଭିଷେକ ଦେବୀଦତ୍ତ ସାମଲ ମୁଖ୍ୟ ଅତିଥିଭାବେ ଯୋଗଦେଇ




ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ତଥା ଓଡ଼ିଶା ଭଲିବଲ ଆସୋସିଏସନ ସମ୍ପାଦକ ଗଗନେନ୍ଦୁ ଦାଶ, ଭାରତୀୟ ପେନ୍‌ଚାକ୍ ସିଲାଟ୍ ଫେଡେରେସନ ସଭାପତି କିଶୋର ଯାଓ୍ୱଲେ, ଅଧ୍ୟକ୍ଷ ମହମ୍ମଦ ଇକବାଲ, ସମ୍ପାଦକ ତାରିକ୍ ଅହମଦ ଜାର୍ଗର, ଓଡ଼ିଶା ପେନ୍‌ଚାକ ସିଲାଟ ଆସୋସିଏସନ ସଭାପତି ତାପସ ରାୟ ଚୌଧୁରୀ, ସମ୍ପାଦକ ପ୍ରେମ୍ ସିଂ ଥାପା, ଖୋର୍ଦ୍ଧା ପେନ୍‌ଚାକ ସିଲାଟ ଆସୋସିଏସନ ଅଧ୍ୟକ୍ଷ ସଚିନ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ।

ପ୍ରଥମ ଦିବସରେ ଅନୁଷ୍ଠିତ ପ୍ରତିଯୋଗିତା ମଧ୍ୟରେ ପୁରୁଷ ୪୫ରୁ ୫୦ କେଜି ବର୍ଗରେ ଓଡ଼ିଶା ଉତ୍ତର ପ୍ରଦେଶକୁ ହରାଇ ଅଭିଯାନ ଆରମ୍ଭ କରିଛି। ସେହିପରି ଛତିଶଗଡ଼କୁ ଗୋଆ ପରାସ୍ତ କରିଛି। ମହିଳା ୪୫ରୁ ୫୦ କେଜି ବର୍ଗରେ ରାଜସ୍ଥାନକୁ ଓଡ଼ିଶା ଓ ଲାକ୍ଷାଦ୍ୱୀପକୁ ତାମିଲନାଡୁ ହରାଇ ଦେଇଛି। ପୁରୁଷ ୬୫ କେଜିରୁ ୭୦ କେଜି ବର୍ଗରେ ମିଜୋରାମକୁ ଜମ୍ମୁ କଶ୍ମୀର ଏବଂ ପଶ୍ଚିମବଙ୍ଗକୁ କର୍ଣ୍ଣାଟକ ପରାସ୍ତ କରିଛି।

# ୧୩ରୁ ପ୍ରସିଦ୍ଧ ଖଣ୍ଡିତର ସର୍ବଭାରତୀୟ ଦିବାରାତ୍ର କବାଡ଼ି ପ୍ରତିଯୋଗିତା

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ୍ ଖଣ୍ଡିତର କବାଡ଼ି ପ୍ରତିଯୋଗିତା ନିମନ୍ତେ ରାଜ୍ୟ ତଥା ରାଜ୍ୟ ବାହାରେ ପରିଚିତ। ଯାଜପୁର କବାଡ଼ି ଆସୋସିଏସନ ପକ୍ଷରୁ ଚଳିତ ବର୍ଷ ୧୩ ତାରିଖରୁ ଖଣ୍ଡିତର ଷ୍ଟାଡିୟମ ଠାରେ ସର୍ବଭାରତୀୟ ଦିବାରାତ୍ର କବାଡ଼ି ପ୍ରତିଯୋଗିତା ଆରମ୍ଭ ହୋଇ ୧୬ ତାରିଖରେ ଉଦ୍‌ଯାପିତ ହେବ। ଏହି ପ୍ରତିଯୋଗିତାରେ ୩୨ ଗୋଟି ପୁରୁଷ ଓ ମହିଳା ଟିମ୍ ସାମିଲ ହେବା ନେଇ ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ଆସୋସିଏସନର ସଭାପତି ପ୍ରଦୀପ କୁମାର ସେଠୀଙ୍କ ସଭାପତିତ୍ୱରେ ଏକ ଶେଷ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଏହି କବାଡ଼ି ପ୍ରତିଯୋଗିତାରେ ପୁରୁଷ ବିଭାଗର ରାଜ୍ୟ ବାହାରୁ ଏସ.ଇ. ରେଲୱେ, ଇଷ୍ଟର୍ଣ୍ଣ ରେଲୱେ, କୋଲକାତା ପୋଲିସ, ଗୁଜୁରାଟରେ ଇନକମ୍ ଟ୍ୟାକ୍ସ, ହରିୟାଣା, ୟୁପି ବୁଲନ୍ଦେଶ୍ୱର, ୟୁପି ଗାଜିଆବାଦ, ମହାରାଷ୍ଟ୍ର ଅଡିନାନ୍ସ, ମହାରାଷ୍ଟ୍ର ନାଗପୁର, ଆରସିସି ଭୋପାଳ, ଷ୍ଟାର ଏକାଡେମୀ ଜବଲପୁର(ଏମପି), ବୀର ଶିବାଜୀ ବିଳାସପୁର ଓ ଛତିଶଗଡ଼ି କବାଡ଼ି ଟିମ୍ ଅଂଶଗ୍ରହଣ କରିବେ। ସେହିପରି ମହିଳା ବିଭାଗରେ ଏସ.ଇ. ରେଲୱେ, ଚନ୍ଦନନଗର (ୱେଷ୍ଟବେଙ୍ଗଲ), ସାଇ ରାଜନନ୍ଦ ଗାଁଓ ଛତିଶଗଡ ଟିମ୍ ଭାଗ ନେବେ। ରାଜ୍ୟ ମଧ୍ୟରୁ ପୁରୁଷ ବିଭାଗରେ ଶ୍ରୀଜଗନ୍ନାଥ ୟୁନିଭରସିଟି ପୁରୀ, ଓଡ଼ିଶା ପୋଲିସ, ନୂଆପଡା, କଟକ, କିଶୋର କ୍ଲବ, ମହାବୀର ଭୁବନେଶ୍ୱର, ନେତଜୀ ପୁରୀ ଓ ଯାଜପୁର ଟିମ୍ ଭାଗ ନେଉଥିବା ବେଳେ ମହିଳା ବିଭାଗରେ କିଟ୍, କଟକ, କିଶୋର କ୍ଲବ, କଳିଙ୍ଗ ଏକାଡେମୀ, ଆସ୍କା ଓ ଯାଜପୁର ଟିମ୍ ଭାଗ ନେବେ ବୋଲି ସ୍ୱୀକୃତି ପ୍ରଦାନ କରିଛନ୍ତି। ୪ ଦିନ ଧରି ଅନୁଷ୍ଠିତ ହେବାକୁ ଯାଉଥିବା ଏହି ପ୍ରତିଯୋଗିତାରେ ୩୮୪ ଜଣ ଖେଳାଳିଙ୍କ ସମେତ ୫୦ ଜଣ ଅଫିସିଆଲ ଉପସ୍ଥିତ ରହି ଖେଳକୁ ପରିଚାଳନା କରିବେ। ପୁରୁଷ ବିଭାଗରେ ଚାମ୍ପିଅନ ଦଳକୁ ୧ ଲକ୍ଷ ଟଙ୍କା ଓ ରନର୍ସ ଅପ ଦଳକୁ ୬୦ ହଜାର ଟଙ୍କା ଓ ୩ୟ ଦଳକୁ ୩୦ ହଜାର ଟଙ୍କା ଓ ମହିଳା ବିଭାଗରେ ଚାମ୍ପିଅନ ଦଳକୁ ୨୫ ହଜାର ଓ ରନର୍ସ ଅପ୍ ଦଳକୁ ୧୫ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଆସୋସିଏସନ ପକ୍ଷରୁ ସୂଚନା ଦିଆଯାଇଛି।



# ଏବେ କ୍ରିକେଟ ଆଉ ଖେଳ ନୁହେଁ ବେପାର ପାଲଟିଗଲାଣି : ଆଫ୍ରିଦି

**ନୂଆଦିଲ୍ଲୀ**

ପାକିସ୍ତାନର ପୂର୍ବତନ କ୍ରିକେଟର ସାହିଦ ଆଫ୍ରିଦି ବର୍ତ୍ତମାନ ୱେଷ୍ଟଇଣ୍ଡିଜ ଏବଂ ଆମେରିକା ଦ୍ୱାରା ଆୟୋଜିତ ଟି-୨୦ ବିଶ୍ୱକପ ୨୦୨୪ର ଆମ୍ବାସଡ଼ର ଭାବରେ ନଜର ଆସିଛନ୍ତି। ଏହି ସମୟରେ, ସେ ଏକ ସାକ୍ଷାତ୍‌କାରରେ ସୀମିତ ଓଭର କ୍ରିକେଟ ଏବଂ ବିଶେଷକରି ଫ୍ରାଞ୍ଚାଇଜ କ୍ରିକେଟ ବିଷୟରେ ଆଲୋଚନା କରିଛନ୍ତି। ସେ ବିଶ୍ୱାସ କରନ୍ତି ଯେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ସାରା ବିଶ୍ୱରେ ଫ୍ରାଞ୍ଚାଇଜ୍ କ୍ରିକେଟ ଲିଗ୍ ଚଳାଉଥିବା ଲୋକଙ୍କ ଆଖି ଖୋଲିଛି। ଆଫ୍ରିଦି ଆହୁରି ମଧ୍ୟ କହିଛନ୍ତି ଯେ କ୍ରିକେଟ ବର୍ତ୍ତମାନ ଏକ ଖେଳ ପରିବର୍ତ୍ତେ ଏକ ବ୍ୟବସାୟରେ ପରିଣତ ହୋଇଛି। ସାହିଦ ଆଫ୍ରିଦି କହିଛନ୍ତି, ଦେଖନ୍ତୁ ବର୍ତ୍ତମାନ ଟଙ୍କା ଆସିଛି, ଜିନିଷ ବଦଳି ଯାଇଛି। ପୂର୍ବରୁ କ୍ରିକେଟ ଏକ ଖେଳ ଥିଲା, କିନ୍ତୁ ବର୍ତ୍ତମାନ ଏହା ଏକ



ବ୍ୟବସାୟରେ ପରିଣତ ହୋଇଛି। ବିଶ୍ୱର ସବୁ ସ୍ଥାନରେ ଲିଗ୍ ଆୟୋଜନ କରାଯାଉଛି। କ୍ରିକେଟରେ ଟଙ୍କା ଅଛି, ସତ କହିବାକୁ ଗଲେ ଆଇପିଏଲ ସମସ୍ତ ଲିଗ୍ ଆୟୋଜକଙ୍କ ଆଖି ଖୋଲିଦେଇଛି।

ଆଫ୍ରିଦି କହିଛନ୍ତି ଯେ ପୂର୍ବରୁ କାଉଣ୍ଟି କ୍ରିକେଟ୍‌ରେ ମଧ୍ୟ ଟଙ୍କା ଥିଲା, କିନ୍ତୁ ଏଥିପାଇଁ ଖେଳାଳିମାନଙ୍କୁ ୬ମାସର ଲମ୍ବା ସିଜିନ ଖେଳିବାକୁ ପଡୁଥିଲା। ଆଫ୍ରିଦିଙ୍କ ଅନୁଯାୟୀ, ପ୍ରତ୍ୟେକ ଲିଗ୍‌ରେ ଟଙ୍କା ଅଛି। କାରଣ ବ୍ୟବସାୟିକ ସ୍ତରରେ ଜିନିଷ ବହୁତ ଅଗ୍ରଗତି କରିଛି। ସେଠାରେ ଟଙ୍କା ଅଛି ଏବଂ ଖେଳାଳିମାନେ ବହୁତ ରୋଜଗାର କରୁଛନ୍ତି। ଏପରି ପରିସ୍ଥିତିରେ ଯଦି ଜଣେ ଖେଳାଳି ତାଙ୍କ ଜାତୀୟ ଦଳ ପାଇଁ ଖେଳିବାକୁ ସକ୍ଷମ ନୁହଁନ୍ତି, ତେବେ ସେ ଦୁନିଆର ବିଭିନ୍ନ ଲିଗ୍‌ରେ ଖେଳି ଟଙ୍କା ରୋଜଗାର କରିପାରିବେ, ଯାହା ଆଫ୍ରିଦିଙ୍କ ଅନୁଯାୟୀ ଏକ ଭଲ କଥା। ପାକିସ୍ତାନ ଦଳର ପୂର୍ବତନ ଅଧିନାୟକ ସାହିଦ ଆଫ୍ରିଦି କହିଛନ୍ତି ଯେ ଦେଶ ପାଇଁ ଖେଳିବା ଏକ ବଡ଼ ସଫଳତା ଭଳି ଦେଶ ପାଇଁ ଖେଳିବାରେ ଏକ ଭିନ୍ନ ଆନନ୍ଦ ଅଛି। ଆଫ୍ରିଦି କହିଛନ୍ତି ଯେ ଯେଉଁ ଖେଳାଳିମାନେ ନିଜ ଜାତୀୟ ଦଳରେ ସୁଯୋଗ ପାଆନ୍ତି ନାହିଁ, ଲିଗ୍‌ରେ ସୁଯୋଗ ପାଆନ୍ତି ଏବଂ ଏଥିରେ ମଧ୍ୟ ବହୁତ ଟଙ୍କା ଅଛି।

# ପାକିସ୍ତାନ ଖେଳାଳିଙ୍କୁ ଭୀଷଣ ଗାଳି

**ନୂଆଦିଲ୍ଲୀ**

ପ୍ରଥମ ଥର ବିଶ୍ୱକପ ଖେଳୁଥିବା ତଥା ବିଶ୍ୱ କ୍ରିକେଟ୍‌ରେ ଏବେ ଏବେ ପାଦ ଥାପିଥିବା ଆମେରିକା ଏବଂ ପାରମ୍ପରିକ ପ୍ରତିଦ୍ୱ-ନ୍ଦ୍ୱୀ ଭାରତଠାରୁ ହାରିବା ପରେ ପୂର୍ବବିଜେତା ପାକିସ୍ତାନ ଚଳିତ ଟି-୨୦ ବିଶ୍ୱକପ୍‌ର ସୁପର-୮ ପର୍ଯ୍ୟାୟ ପୂର୍ବରୁ ବାଦ୍ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି। ପ୍ରଥମ ଦୁଇ ମ୍ୟାଚ୍ ହାରିବା ପରେ ପାକିସ୍ତାନ ସଂପ୍ରତି ଗ୍ରୁପ ଏରେ ଆୟର୍ଲାଣ୍ଡ ପରେ ଏକମାତ୍ର ଦଳ ଭାବେ ପଏଣ୍ଟ ଖାତା ଖୋଲିନି। ଅନ୍ୟପକ୍ଷରେ ଦୁଇଟି ଲେଖାଏଁ ମ୍ୟାଚ୍ ଜିତି ଭାରତ ଓ ଆମେରିକା ଏହି ଗ୍ରୁପ୍‌ର ପ୍ରଥମ ଦୁଇ ସ୍ଥାନରେ ଅଛନ୍ତି। ପ୍ରତି ଗ୍ରୁପ୍‌ରୁ ଶୀର୍ଷ ଦୁଇଟି ଦଳ ସୁପର-୮କୁ ଯିବାର ଅଛି। ସେହିଦୃଷ୍ଟିରୁ ଶେଷ ଦୁଇ ମ୍ୟାଚ୍‌ରେ ପାକିସ୍ତାନ କର ବା ମର ସ୍ଥିତିରେ ରହିଛି। ଦୁଇଟି ଯାକରୁ କୌଣସି ଗୋଟିଏ ମ୍ୟାଚ ହାରିଲେ ଏହି ଦଳର ଅଭିଯାନ ଲିଗ୍‌ରୁ ହିଁ ଶେଷ ହୋଇଯିବ। ଖାଲି ସେତିକି ନୁହେଁ, କାନାଡ଼ା ଓ ଆୟର୍ଲାଣ୍ଡ ବିପକ୍ଷ ଶେଷ ଦୁଇଟି ମ୍ୟାଚ୍‌ରେ ପାକିସ୍ତାନକୁ ବଡ଼ ବିଜୟ ହାସଲ କରିବାକୁ ପଡ଼ିବ। ତା'ସହ ଅନ୍ୟ ମ୍ୟାଚ୍‌ଗୁଡ଼ିକର ଫଳାଫଳ ଉପରେ ମଧ୍ୟ ନିର୍ଭର କରିବ। କାରଣ ଆମେରିକା ତା'ର ଶେଷ ଦୁଇଟି ମ୍ୟାଚ୍‌ରୁ ଗୋଟିକୁ ଜିତିଲେ ପାକିସ୍ତାନର ସୁପର-୮ ଆଶା ସେହିଠାରେ ଖତମ ହୋଇଯିବ । ଏହି ଆଶଙ୍କାରେ ପାକିସ୍ତାନ ଖେଳାଳି ସୋମବାର ଦିନସାରା ଭୀଷଣ ଟ୍ରୋଲର ଶିକାର ହୋଇଛନ୍ତି। ଏହି ଟ୍ରୋଲ ସୁନାମି ପାକିସ୍ତାନୀ ପ୍ରଶଂସକ ହିଁ କରିଛନ୍ତି।

# ରାଜ୍ୟ ସ୍ତରୀୟ ୧୬ ବର୍ଷରୁ କମ୍ ବାଳକ ବାଳିକା ହକି ପ୍ରତିଯୋଗିତା



**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ନାଭାଲ ଟାଟା ହକି ଏବଂ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଯାଜପୁର ହକି ପ୍ରଶିକ୍ଷଣ କେନ୍ଦ୍ର ଠାରେ ରାଜ୍ୟ ସ୍ତରୀୟ ହକି(ବାଳକ ଏବଂ ବାଳିକା) ୧୬ ବର୍ଷରୁ କମ୍ ହକି ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଏହି ପ୍ରତିଯୋଗିତା ମଙ୍ଗଳବାର ଠାରୁ ଆରମ୍ଭ ହୋଇଥିବାବେଳେ ଆସନ୍ତା ତା ୧୫.୦୬.୨୦୨୪ରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ରାଜ୍ୟର ୧୬ଟି ଜିଲ୍ଲାରୁ ଉଭୟ ବାଳକ ଏବଂ ବାଳିକା ହକି ଦଳ ଅଂଶ ଗ୍ରହଣ କରୁଛନ୍ତି। ପ୍ରତିଯୋଗିତାରୁ ଓଡ଼ିଶା ହକି ଦଳ ପାଇଁ ଖେଳାଳି ଚୟନ କରାଯିବ। ପ୍ରକାଶ ଥାଉକି ଏହି ରାଜ୍ୟ ସ୍ତରୀୟ ହକି ଖେଳାଳି ଚୟନ ପ୍ରତିଯୋଗିତା ଜିଲ୍ଲାରେ ପ୍ରଥମ ଥର ଅନୁଷ୍ଠିତ ହେଉଛି। ପ୍ରତ୍ୟେକ ଦିନ ୮ଟି ଲେଖାଏଁ ମ୍ୟାଚ୍ ଲିଗ୍ ପର୍ଯ୍ୟାୟରେ ଖେଳା ଯାଉଛି। ପ୍ରତ୍ୟେକ ମ୍ୟାଚ୍‌ରେ ମ୍ୟାନ ଅଫ ଦି ମ୍ୟାଚ (ଶ୍ରେଷ୍ଠ ଖେଳାଳି) ବଛା ଯାଇ ଟ୍ରଫି ପ୍ରଦାନ କରାଯାଉଛି। ଏହିପରି ପ୍ରତିଯୋଗିତା କରି ତୃଣମୂଳ ସ୍ତରରେ ହକିର ପ୍ରଚାର ପ୍ରସାର କରିବା ସରକାରଙ୍କ ଲକ୍ଷ୍ୟ ରହିଛି। ଯାଜପୁର ହକି ପ୍ରଶିକ୍ଷଣ ପ୍ରଦାନ କେନ୍ଦ୍ର ଠାରେ ଚାଲିଥିବା ଖେଳକୁ ନାଭାଲ ଟାଟା ହକି ଏବଂ ଜିଲ୍ଲା କ୍ରୀଡ଼ା ବିଭାଗର ମିଳିତ ଉଦ୍ୟମରେ କରାଯାଉଛି। ଏହି ଖେଳକୁ ହକି ପ୍ରେମୀ, କ୍ରୀଡ଼ାବିତ୍‌ମାନଙ୍କ ମଧ୍ୟରେ ଦେବା ପାଇଁ ବେଶ୍ ଆଗ୍ରହ ସୃଷ୍ଟି କରିଛି।

# ନ୍ୟୁୟର୍କରେ ନିଜ ମହମ ପ୍ରତିମୂର୍ତ୍ତି ସହ ସଚିନ

**ନ୍ୟୁୟର୍କ**

କ୍ରିକେଟ୍ ଜଗତର ସବୁଠୁ ସୁପରିଚିତ ନାମ ସଚିନ ତେନ୍ଦୁଲକର। ତାଙ୍କ ପ୍ରଶଂସକଙ୍କ ନିମନ୍ତେ ଏକ ଅଭୁଲା ମୁହୂର୍ତ୍ତ ଛାଡ଼ିଛନ୍ତି। ନ୍ୟୁୟର୍କସ୍ଥିତ ମର୍ଲିନ ଏଣ୍ଟରଟେନ୍‌ମେଣ୍ଟର ମାଡାମ ତୁସାଦରେ ଥିବା ନିଜ ମହମ ପ୍ରତିମୂର୍ତ୍ତି ନିକଟରେ ଛିଡ଼ା ହୋଇ ଚର୍ଚ୍ଚାକୁ ଆସିଛନ୍ତି। ଏନ୍‌ଷ୍ଟାଇସିରେ ତାଙ୍କର ମହମ ପ୍ରତିମୂର୍ତ୍ତିର ପହଞ୍ଚିବା ଅବସରକୁ ପାଳନ କରି କ୍ରିକେଟ୍ ଜଗତର ଏହି କିମ୍ବଦନ୍ତୀଙ୍କ ବ୍ୟକ୍ତିତ୍ୱ ବିଶ୍ୱସ୍ତରରେ ଲୋକପ୍ରିୟ ଭ୍ରାମ୍ୟମାଣ ମହମ ପ୍ରତିମୂର୍ତ୍ତିକୁ ମଧ୍ୟ ଉନ୍ମୋଚିତ କରିଛନ୍ତି। ଚଳିତ ଆଇସିସି ପୁରୁଷ ଟି୨୦ ବିଶ୍ୱକପ ଅବସରରେ ଜୁନ୍ ୯ ତାରିଖରେ ନସାଉ କାଉଣ୍ଟି ଇଣ୍ଟରନ୍ୟାସନାଲ କ୍ରିକେଟ୍ ଷ୍ଟାଡିୟମ୍‌ରେ ବହୁ ପ୍ରତୀକ୍ଷିତ ଭାରତ ବନାମ ପାକିସ୍ତାନ ମ୍ୟାଚ୍ ପୂର୍ବରୁ ଏହି ଦୃଶ୍ୟ ସମସ୍ତଙ୍କ ନଜରକୁ ଆସିଛି। ତେନ୍ଦୁଲକର ୨୦୧୪ରେ ମୂଳତଃ ଅତ୍ୟନ୍ତ ନିଖୁଣ ଭାବରେ ନିର୍ମିତ ତାଙ୍କର ମହମ ପ୍ରତିମୂର୍ତ୍ତି କଡ଼ରେ ଛିଡ଼ା ହୋଇଥିବାବେଳେ ପ୍ରଶଂସକ ଅତ୍ୟନ୍ତ ଉଲ୍ଲସିତ ହୋଇଉଠିଥିଲେ। ଏହି କ୍ରୀଡ଼ା ଓ ତାହାର ପ୍ରଶଂସକଙ୍କ ଉପରେ ବିଶ୍ୱବ୍ୟାପୀ ତାଙ୍କ ଚିରସ୍ଥାୟୀ ପ୍ରଭାବର ପ୍ରତୀକ ସ୍ୱରୂପ ତେନ୍ଦୁଲକରଙ୍କର ବିଶ୍ୱର ସର୍ବବୃହତ୍ ମହମ ସଂଗ୍ରହାଳୟ ସହିତ ଦୀର୍ଘକାଳର ସମ୍ପର୍କ ରହିଆସିଛି ଏବଂ ମାଡାମ ତୁସାଦ ଲଣ୍ଡନ ନିମନ୍ତେ ତାଙ୍କର ପ୍ରଥମ ପ୍ରତିମୂର୍ତ୍ତି ୨୦୦୯ରେ ଅନାବରଣ ହୋଇଥିଲା। ସେବେଠାରୁ ତାଙ୍କ ସମ୍ମାନାର୍ଥେ ଆଉ ପାଞ୍ଚଟି ପ୍ରତିମୂର୍ତ୍ତି ନିର୍ମାଣ କରାଯାଇସାରିଛି।




ମାଷ୍ଟର ବ୍ଲାଷ୍ଟର ଭାବେ ପରିଚିତ ତେନ୍ଦୁଲକର ବିଶ୍ୱସ୍ତରରେ ତାଙ୍କର ଅତୁଳନୀୟ କ୍ଷମତା ଓ କ୍ରୀଡ଼ାବିତ୍ ମନୋଭାବ ପାଇଁ କ୍ରିକେଟ୍‌ପ୍ରେମୀଙ୍କର ହୃଦୟ ଜିଣିଛନ୍ତି ଏବଂ କ୍ରିକେଟ୍ ଇତିହାସରେ ସେ ଅନ୍ୟତମ ମହାନ ବ୍ୟାଟ୍‌ସମ୍ୟାନ ଭାବେ ବିବେଚିତ ହେଉଛନ୍ତି। ଦୁଇ ଦଶନ୍ଧିରୁ ଅଧିକ କାଳ ଧରି ଆନ୍ତର୍ଜାତିକ କ୍ୟାରିୟର କରିଥିବା ତେନ୍ଦୁଲକର ନିଜ ନାମରେ ଅଗଣିତ ରେକର୍ଡ ଧାରଣ କରିଛନ୍ତି, ଯେଉଁଥିରେ ଉଭୟ ଟେଷ୍ଟ ଓ ଏକଦିବସୀୟ ଆନ୍ତର୍ଜାତିକ (ଓଡିଆଇ) କ୍ରିକେଟ୍‌ରେ ସର୍ବାଧିକ ରନ ସ୍କୋର ଅନ୍ତର୍ଭୁକ୍ତ ସେ ମଧ୍ୟ ଏକମାତ୍ର ଖେଳାଳି ଯିଏ ୧୦୦ ଆନ୍ତର୍ଜାତିକ ଶତକ ହାସଲ କରିଛନ୍ତି। ନିଜ ଜାଜ୍ୱଲ୍ୟମାନ ଖେଳ ଜୀବନରେ ତେନ୍ଦୁଲକର ତାଙ୍କର ପ୍ରଶଂସକ ଏବଂ ସାଥୀ କ୍ରିକେଟର୍‌ଙ୍କ ନିକଟରୁ ଅଶେଷ ସମ୍ମାନ ଓ ପ୍ରଶଂସା ଲାଭ କରିଛନ୍ତି, ଯାହା ଜଣେ ବାସ୍ତବ କ୍ରିକେଟ୍ କିମ୍ବଦନ୍ତୀ ପୁରୁଷ ଭାବରେ ତାଙ୍କର ପରମ୍ପରାକୁ ମଜଭୁତ କରିଛି।

ଜୁନ ୧୦ ତାରିଖଠାରୁ ବିଶ୍ୱକପ ଫାଇନାଲ ପର୍ଯ୍ୟନ୍ତ ତେନ୍ଦୁଲକରଙ୍କ ମହମ ପ୍ରତିମୂର୍ତ୍ତି ମାଡାମ ତୁସାଦ ଲବିରେ ପ୍ରଶଂସକଙ୍କ ନିମନ୍ତେ ମାଗଣାରେ ଦେଖିବା ଏବଂ ଫଟୋ ଉଠାଇବା ନିମନ୍ତେ ଉପଲବ୍ଧ ହେବ। ପରବର୍ତ୍ତୀ ସମୟରେ ଉକ୍ତ ପ୍ରତିମୂର୍ତ୍ତି ସଂଗ୍ରହାଳୟରେ କ୍ରୀଡ଼ା ଜଗତର ଅନ୍ୟ କିମ୍ବଦନ୍ତୀ ବ୍ୟକ୍ତିତ୍ୱଙ୍କ ପ୍ରତିମୂର୍ତ୍ତି ସହିତ ସ୍ଥାୟୀ ଭାବରେ ସ୍ଥାନିତ ହେବ।

**GOVERNMENT OF ODISHA**
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
RENGALI LEFT BANK CANAL DIVISION, AT/P.O. Kamakhyanagar
Dist: Dhenkanal, Odisha, PIN-759018
☎:06769-270771 Email ID - eerlbcdivision@gmail.com

A-25

**e-PROCUREMENT NOTICE No. RLBCD-P1-01/2024-25**

| | | |
|---|---|---|
| 1 | Category of Work | "Civil Construction Works". |
| 2 | Total No. of Works | 11 (Eleven) Nos. |
| 3 | Estimated Cost | Varies from Rs. 43.35 Lakhs to Rs. 9.34 Lakhs |
| 4 | Period of Completion | 60 Days to 30 Days |
| 5 | Class of Contractor | " "D" & "C" and " "C" & "B" or equivalent grade/class |
| 6 | Cost of Bid Document / Mode of Payment | Rs. 6,000/- to Rs. 4,000/- (Non-Refundable) / Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks). |
| 7 | EMD / Bid Security Amount / Mode of Payment | Varies from Rs. 43,350/- to Rs.9,340/- / Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks) |
| 8 | Other details: | |
| | (i) Procurement Officer | Superintending Engineer, Rengali Left Bank Canal Division, Kamakhyanagar. |
| | (ii) Availability of Bid Documents for Online Bidding. | 13.06.2024 from 10.00 Hours to 27.06.2024 up to 17.00 Hours. |
| | (iii). Date, time & venue of Bid Opening (Online) | On 28.06.2024 at 11.00 Hours in the O/o the Superintending Engineer, Rengali Left Bank Canal Division, Kamakhyanagar (through online). |
| | (iv) Date, time & venue of transparent lottery for finalization of bids, if required | On 02.07.2024 at 11.00 Hours in the O/o the Superintending Engineer, Rengali Left Bank Canal Division, Kamakhyanagar. |

*Further details can be seen from the Government of Odisha website https://tendersodisha.gov.in

Sd/- Superintending Engineer
OIPR-32298/11/0001/2425 R.L.B. Canal Division, Kamakhyanagar

# ନିଟ୍ ପରୀକ୍ଷାରେ ଓଡିଶାରେ ସୁବର୍ଣ୍ଣପୁର ଜିଲ୍ଲାର ବ୍ୟବସାୟୀଙ୍କ ପୁଅ ଟପ୍ପର

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସଦ୍ୟ ପ୍ରକାଶିତ ନିଟ୍ ପରୀକ୍ଷାରେ ଡୁଙ୍ଗୁରିପାଲି ବ୍ଲକର ବନ୍ଧପାଲି ଗ୍ରାମର ସ୍ୱାତୀ ଅଗ୍ରୱାଲ ଓ ସଞ୍ଜୟ କୁମାର ଅଗ୍ରୱାଲଙ୍କ ସୁପୁତ୍ର ଅୟୁସ କୁମାର ଅଗ୍ରୱାଲ ସଫଳତା ହାସଲ କରିଛନ୍ତି। ସେ ୭୨୦ ନମ୍ବରୁ ୭୧୫ ରଖି ସର୍ବଭାରତୀୟ ସ୍ତରରେ ୨୦୪ ରାଙ୍କ ରହିଥିବା ବେଳେ ଓଡ଼ିଶାର ୧୦ ଟପ୍ପର ମଧ୍ୟରେ ରହିଛନ୍ତି। ଫିଜିକ୍ସରେ ଶତକଡ଼ା ୯୯.୯୬, କେମିଷ୍ଟ୍ରିରେ ୯୯.୫୩, ବାଇଲୋଜିରେ ୯୯.୯୦ ତଥା ମୋଟରେ ୯୯.୯୮ ରଖି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ସେ ଭବିଷ୍ୟତରେ ଏକ ଡାକ୍ତର ହୋଇ ରୋଗୀ ସେବାରେ ସମୟ ଅଧିକ ଦେବେ ବୋଲି ପ୍ରକାଶ କରିଛନ୍ତି । ଏହି ଖବର ଜଣାପଡିବା ପରେ ଡୁଙ୍ଗୁରିପାଲି ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି । ସେ ରାଜସ୍ଥାନର କୋଟାରେ କୋଚିଂ ନେଉଥିବା ବେଳେ ଡୁଙ୍ଗୁରିପାଲିର ଏକ ଘରୋଇ ସ୍କୁଲ ସେନଚୁରିଆନ ପବ୍ଲିକ ସ୍କୁଲ ଡୁଙ୍ଗୁରିପାଲିରେ ମାଟ୍ରିକ ଶିକ୍ଷା ଦାନ ହୋଇଥିଲା ପରେ ବରଗଡ଼ ବିକାଶ କଲେଜରେ ଯୁକ୍ତ ଦୁଇ କରିଥିଲେ । ବାପା ଜଣେ ବ୍ୟବସାୟୀ ହୋଇଥିବା ବେଳେ ମା' ଗୃହିଣୀ ଅଟନ୍ତି। ତାଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛାର ସୁଅ ଛୁଟିଛି।

# ସପ୍ତମ ଗୀତାଞ୍ଜଳି ପ୍ରତିଭା ସମ୍ମାନ-୨୦୨୪

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ଗୀତାଞ୍ଜଳି ଇଣ୍ଡିଆ ଫାଉଣ୍ଡେସନ ଟ୍ରଷ୍ଟ' ପକ୍ଷରୁ ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନଠାରେ ସପ୍ତମ ଗୀତାଞ୍ଜଳି ପ୍ରତିଭା ସମ୍ମାନ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ଷଷ୍ଠ ଗୀତାଞ୍ଜଳି ଆଦର୍ଶ ଶିକ୍ଷକ ସମ୍ମାନ-୨୦୨୪ ଏବଂ ଷଷ୍ଠ ଗୀତାଞ୍ଜଳି ଆଦର୍ଶ ବିଦ୍ୟାଳୟ ସମ୍ମାନ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ଅଧ୍ୟକ୍ଷ ରଞ୍ଜନ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆରଏମ୍‌ଆରସିର ନିର୍ଦ୍ଦେଶିକା ଡ. ସଂଘମିତ୍ରା ପତି ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହିତ ଛାତ୍ରଛାତ୍ରୀମାନେ କିପରି ନିଜ ଉଦ୍ୟମରେ ପାଠ ପଢି ଭଲ ନମ୍ବର ରଖି ନିଜର ଭବିଷ୍ୟତ ଗଢିପାରିବେ, ଗୀତାଞ୍ଜଳି ଇଣ୍ଡିଆ ଫାଉଣ୍ଡେସନ ଟ୍ରଷ୍ଟର ଏହା ଏକ ନିଆରା ପ୍ରୟାସ। ଏଥିପାଇଁ ସେ ଟ୍ରଷ୍ଟକୁ ସାଧୁବାଦ ଜଣାଇଥିଲେ। ମୁଖ୍ୟବକ୍ତା ଭାବେ ପାରାଦ୍ୱୀପ ଫସ୍‌ଫେଟ୍ ଲିମିଟେଡ଼ର ବରିଷ୍ଠ ଅଧିକାରୀ ସୁଧୀରଞ୍ଜନ ମିଶ୍ର, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ, ସୋଆ ବିଶ୍ୱବିଦ୍ୟାଳୟ ଲୋକ ସମ୍ପର୍କ ଅଧିକାରୀ ଶୁଭଦର୍ଶିନୀ ମିଶ୍ର, ଶିକ୍ଷାବିତ ପ୍ରମୋଦ ପାଢୀ, ସମାଜସେବୀ ଅମୀୟବାଳା ପରିଡ଼ା, ବିଶିଷ୍ଟ ଲେଖିକା ସୁଚେତା ନନ୍ଦ, ଜୟଦେବ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ଭୋଇ, ସମାଜସେବୀ ବିଜୟ ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜୟଦେବ ନିର୍ବାଚନ ମଣ୍ଡଳୀର +୨ ବିଜ୍ଞାନରେ ଟପ୍ପର ହୋଇଥିବା ମେଧାବୀ ଛାତ୍ରୀ ସ୍ୱୟଂପ୍ରଜ୍ଞା ସାହୁଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିବା ସହିତ କାଞ୍ଚନ ଫାଉଣ୍ଡେସନ ତରଫରୁ ୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ଼ରେ ଉତ୍ତୀର୍ଣ୍ଣ ହୋଇଥିବା ବାଲିଅନ୍ତା ଓ ବାଲିପାଟଣା ବ୍ଲକର ୧୫ଜଣ ଛାତ୍ରଛାତ୍ରୀଙ୍କୁ ସପ୍ତମ ଗୀତାଞ୍ଜଳି ପ୍ରତିଭା ସମ୍ମାନ, ୧୦ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଷଷ୍ଠ ଗୀତାଞ୍ଜଳି ଆଦର୍ଶ ଶିକ୍ଷକ ସମ୍ମାନ ଏବଂ ୬ଟି ସରକାରୀ ଉଚ୍ଚ ବିଦ୍ୟାଳୟକୁ ଷଷ୍ଠ ଗୀତାଞ୍ଜଳି ଆଦର୍ଶ ବିଦ୍ୟାଳୟ ସମ୍ମାନ ପ୍ରଦାନ କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ଶୁଭୋଜିତ ପଣ୍ଡା। ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟର ଅନ୍ୟତମ ସଦସ୍ୟ ତାପସ ରଞ୍ଜନ ମଲ୍ଲିକ, ପ୍ରଳୟ କୁମାର ଦାସ, ଆଶୁତୋଷ ଚୌଧୁରୀ, ଦୀନବନ୍ଧୁ ଭୋଇ, ତପନ କୁମାର ସ୍ୱାଇଁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

